( ମହାକବି କାଳିଦାସକୃତ )

# ମେଘଦୂତଂ ।

—:o:—

ଶ୍ରୀ ସୁଦର୍ଶନ ନନ୍ଦଙ୍କ ଦ୍ୱାରା ଉତ୍କଳ ଅନୁବାଦସହ

ପ୍ରଥମବାର

ପ୍ରକାଶିତ ହେଲା ।



THE UTKAL SAHITYA PRESS,
CUTTACK.
1906.

*Copy right reserved.*

ମୂଲ୍ୟ ୫ ୦ ॥/ ଅଣା ।

# ଭୂମିକା ।

ମହାକବି କାଳିଦାସଙ୍କ କୃତ ଖଣ୍ଡକାବ୍ୟ ମଧ୍ୟରେ ମେଘଦୂତ ଅନେକ ଶ୍ଳୋକଙ୍କଦ୍ୱାରା ଅଦ୍ଭୁତ । ଉକ୍ତ ଖଣ୍ଡକାବ୍ୟ ନାଗରାକ୍ଷର ଓ ବଙ୍ଗାକ୍ଷରରେ ଛପା ହୋଇଅଛି, କିନ୍ତୁ ଉତ୍କଳାକ୍ଷରରେ ଛପା ହୋଇ ନ ଥିବାରୁ, ବଙ୍ଗ ଓ ନାଗରାକ୍ଷରରେ ଅନଭିଜ୍ଞ ଉତ୍କଳୀୟମାନଙ୍କର ମେଘଦୂତ ପଢିବାର ଅସୁବିଧା ଅନେକ ଥର ଦେଖି ଓ କେତେକ ବନ୍ଧୁଙ୍କଠାରୁ ଶୁଣି ଏହି ମୁଦ୍ରଣ ଅର୍ଥ ସହିତ ପ୍ରକାଶ କଲି । ଏଥର ପ୍ରଥମ ଉଦ୍ୟମ ହେତୁରୁ ଅନେକ ସ୍ଥଳରେ ଅର୍ଥ କଠିଣ ହୋଇଅଛି ଏବଂ ସଂସ୍କୃତ ଶ୍ଳୋକରେ ମଧ୍ୟ ସ୍ଥାନେ ସ୍ଥାନେ ଭ୍ରମ ରହି ଯାଇ ଥିବାର ସମ୍ଭବ । କୃତବିଦ୍ୟ ଗ୍ରାହକ ଓ ପାଠକମାନଙ୍କ ନିକଟରେ ପ୍ରାର୍ଥନା ଏହି, ଯେବେ ସେମାନେ କୌଣସିଠାରେ ଉକ୍ତ ଦୋଷମାନ ଦେଖନ୍ତି, ଅନୁଗ୍ରହପୂର୍ବକ ଜଣାଇଲେ ଅନ୍ୟ ସଂସ୍କରଣରେ ତାହା ସବୁ ସଂଶୋଧନ କରି ଦେବି । ଏହି ପୁସ୍ତକଦ୍ୱାରା ଉତ୍କଳୀୟ ବନ୍ଧୁମାନଙ୍କର କିଞ୍ଚିତ୍ ଉପକାର ସାଧିତ ହେଲେ ଓ ଅନେକ [illegible] ଅସୁବିଧା ଦୂର ହେଲେ ଶ୍ରମ ସଫଳ ଜ୍ଞାନ କରିବି ।

ପରଶେଷରେ କୃତଜ୍ଞତା ସହିତ ସ୍ୱୀକାର କରୁଅଛି ଯେ ପରମପୂଜ୍ୟ କଟକ ଏକାଡେମୀର ସଂସ୍କୃତାଧ୍ୟାପକ ପଣ୍ଡିତ ଶ୍ରୀ ନାରାୟଣ ଦାଶ ମହାଶୟ ଅନୁଗ୍ରହପୂର୍ବକ ଏହି ପୁସ୍ତକ ଆଦ୍ୟ ପ୍ରାନ୍ତ ସଂଶୋଧନ କରି ଦେଇଥିବାରୁ ତାହାଙ୍କ ନିକଟରେ ଚିରକୃତଜ୍ଞ ରହିଲି ।

୨୦ । ୫ । ୦୬ }
[illegible], କଟକ }

ଶ୍ରୀ ସୁଦର୍ଶନ ନନ୍ଦଶର୍ମା ।

Digitized by srujanika@gmail.com

# ମେଘଦୂତଂ ।

## ପୂର୍ବ-ମେଘ ।

କଶ୍ଚିତ୍ କାନ୍ତାବିରହଗୁରୁଣା ସ୍ୱାଧିକାର ପ୍ରମତ୍ତଃ
ଶାପେନାସ୍ତଂ ଗମିତମହିମା ବର୍ଷଭୋଗ୍ୟେଣ ଭର୍ତ୍ତୁଃ ।
ଯକ୍ଷଶ୍ଚକ୍ରେ ଜନକତନୟାସ୍ନାନପୁଣ୍ୟୋଦକେଷୁ
ସ୍ନିଗ୍ଧଚ୍ଛାୟାତରୁଷୁ ବସତିଂ ରାମଗିର୍ଯ୍ୟାଶ୍ରମେଷୁ । ୧ ।

ତସ୍ମିନ୍ନଦ୍ରୌ କତିଚଦବଲା ବିପ୍ରଯୁକ୍ତଃ ସ କାମୀ
ନୀତ୍ୱାମାସାନ୍ କନକବଲୟଭ୍ରଂଶରିକ୍ତ ପ୍ରକୋଷ୍ଠଃ ।
ଆଷାଢ଼ସ୍ୟ ପ୍ରଥମଦିବସେ ମେଘମାଶ୍ଳିଷ୍ଟସାନୁଂ
ବପ୍ରକ୍ରୀଡ଼ା ପରିଣତ ଗଜ ପ୍ରେକ୍ଷଣୀୟଂ ଦଦର୍ଶ । ୨ ।

---

କୌଣସି ଯକ୍ଷ, ନିଜ କାର୍ଯ୍ୟରେ ଅନବଧାନତା ପ୍ରଦର୍ଶନ କରିବାରୁ ଯକ୍ଷରାଜ "ପ୍ରିୟା ସହିତ ତୁମ୍ଭର ଏକ ବର୍ଷ ପର୍ଯ୍ୟନ୍ତ ବିରହ ହେଉ" ଏହି ଅଭିଶାପ ଦେଇଥିଲେ । ସେ ପ୍ରିୟା ବିରହଜନକ ଶାପରେ ପ୍ରଭୁତ୍ୱହୀନ ହୋଇ ଚିତ୍ରକୂଟ ଗିରିସ୍ଥିତ ଆଶ୍ରମମାନଙ୍କରେ ଅବସ୍ଥାନ କଲା । ଏହି ସ୍ଥାନ ଛାୟାପ୍ରଧାନ ତରୁମାନଙ୍କଦ୍ୱାରା ପରିଶୋଭିତ । ପୂର୍ବେ ଜନକନନ୍ଦିନୀ ସୀତା ସ୍ନାନ କରିଥିବାରୁ ସେହି ସ୍ଥାନର ଜଳ ପବିତ୍ର ବୋଲି ପ୍ରସିଦ୍ଧ ଅଛି । ୧ । ପ୍ରିୟାବିରହକାତର ମଦନପରତନ୍ତ୍ର ଯକ୍ଷ, ଦିନକୁଦିନ କ୍ଷୀଣ ହେବାରୁ ତାହାର କନକକଙ୍କଣ ହସ୍ତରୁ ସ୍ଖଳିତ ହୋଇ ପଡ଼ିଲା । ସୁତରାଂ ତାହାର ହସ୍ତ ଅଳଙ୍କାରଶୂନ୍ୟ ହେଲା । ସେ ଏହିପରି ସେହି ରାମଗିରିରେ କେତେକ ମାସ (ଆଠ ମାସ) ଅତିବାହିତ କରି ଆଷାଢ଼ର

Digitized by srujanika@gmail.com

ତସ୍ୟ ସ୍ଥିତ୍ୱା କଥମପି ପୁରଃ କୌତୁକାଧାନହେତୋ-
ରନ୍ତର୍ବାଷ୍ପଶ୍ଚିରମନୁଚରୋ ରାଜରାଜସ୍ୟ ଦଧ୍ୟୌ ।
ମେଘାଲୋକେ ଭବତି ସୁଖିନୋଽପ୍ୟନ୍ୟଥାବୃତ୍ତି ଚେତଃ
କଣ୍ଠାଶ୍ଲେଷ ପ୍ରଣୟିନି ଜନେ କିଂ ପୁନର୍ଦୂରସଂସ୍ଥେ । ୩ ।

---

ପ୍ରଥମ ଦିନ ଦେଖିଲା ଯେ, ବପ୍ରକ୍ରୀଡ଼ା-ପରିଣତ* ତିର୍ଯ୍ୟଗ୍‌ଦନ୍ତପ୍ରହାରୀ† ମତ୍ତମାତଙ୍ଗ ପରି ରମଣୀୟ ଦର୍ଶନ ନୂତନ ଜଳଧର ସମୁଦିତ ହୋଇ ଗିରିଶିଖର ଆଲିଙ୍ଗନ କରି ରହିଅଛି । ୨ । ଯକ୍ଷାଧିପତି କୁବେରଙ୍କର ଅନୁଚର ପ୍ରିୟାବିରହରୁ ଦୁଃଖୋଦ୍‌ଭୂତ ବାଷ୍ପରେ ରୁଦ୍ଧକଣ୍ଠ ହୋଇ ଅଭିଳାଷ ସିଦ୍ଧ କରିବ ଯେଉଁ ଜଳଧର ତାହା ଆଗରେ ଠିଆ ହୋଇ କିଛିକ୍ଷଣ ଅନନ୍ୟଚିତ୍ତରେ ଭାବିଲା ଯେ ନୂତନ ମେଘକୁ ଦେଖି ସୁଖ-ସମ୍ଭୋଗବିଳାସୀ ଏକତ୍ରସ୍ଥିତ ଦମ୍ପତିର ମଧ୍ୟ ମନୋବିକାର ହୁଏ; କିନ୍ତୁ କଣ୍ଠାଶ୍ଲେଷପ୍ରାର୍ଥୀ ପ୍ରଣୟାସ୍ପଦ ପ୍ରିୟ ବ୍ୟକ୍ତି ଦୂରଦେଶସ୍ଥିତ ହେଲେ ମନର ଯେ କିପରି ଅବସ୍ଥା ଘଟେ, ତାହା ବର୍ଣ୍ଣନା କଲେ ଶେଷ ହୋଇ ପାରିବ ନାହିଁ । ୩ । ତଦନନ୍ତର ପ୍ରିୟାବିରହବିଧୁର ସେହି ଯକ୍ଷ, [illegible] ମାସ ସମାଗତ ଦର୍ଶନ କରି ମନେ ମନେ ଚିନ୍ତା କଲା ଯେ, ନିଦାରୁଣ ବର୍ଷା କାଳ ବିରହିଲୋକ ପକ୍ଷରେ ଏକାନ୍ତ ଦୁଃସହ, ସୁତରାଂ ଏହି ସମୟରେ ବିରହବିଧୁରା ପ୍ରଣୟିନୀ କିପରି ଜୀବନଧାରଣ କରିବେ ? ମନେ ମନେ ଏହି ବିଷୟରେ ଚିନ୍ତାର୍ତ୍ତ ହୋଇ ସେହି ନବୀନ ନୀରଦଦ୍ୱାରା ପ୍ରିୟତମା ନିକଟକୁ ଆପଣାର କୁଶଳ ସମ୍ବାଦ ପ୍ରେରଣ କରି ତାହାକୁ ପ୍ରବୋଧ ପ୍ରଦାନ କରିବାର ଅଭିଳାଷ କଲା । ତତ୍ପରେ ସେ ପୁଲକିତ ଚିତ୍ତ

---

* ବପ୍ରକ୍ରୀଡ଼ା = ଦନ୍ତ ବା ଶୃଙ୍ଗାଦିରେ ତଟ ପ୍ରଭୃତି ସ୍ଥାନକୁ ଭେଦ କରି ଯେଉଁ କ୍ରୀଡ଼ା କରନ୍ତି ତାହା ।

† . ତିର୍ଯ୍ୟଗ୍‌ଦନ୍ତପ୍ରହାରୀ — ବକ୍ରଭାବରେ ଯେଉଁ ଗଜ ଦନ୍ତାଘାତ କରେ ସେ ।

Digitized by srujanika@gmail.com

ପ୍ରତ୍ୟାସନ୍ନେ ନଭସି ଦୟିତାଜୀବିତାଲମ୍ବନାର୍ଥୀ
ଜୀମୂତେନ ସ୍ୱକୁଶଳମୟୀଂ ହାରୟିଷ୍ୟନ୍ ପ୍ରବୃତ୍ତିଂ ।
ସ ପ୍ରତ୍ୟଗ୍ରୈଃ କୁଟଜକୁସୁମୈଃ କଳ୍ପିତାର୍ଘାୟ ତସ୍ମୈ
ପ୍ରୀତଃ ପ୍ରୀତିପ୍ରମୁଖବଚନଂ ସ୍ୱାଗତଂ ବ୍ୟାଜହାର । ୪ ।

ଧୂମଜ୍ୟୋତିଃ ସଲିଳମରୁତାଂ ସନ୍ନିପାତଃ କ୍ୱ ମେଘଃ
ସନ୍ଦେଶାର୍ଥାଃ କ୍ୱ ପଟୁକରଣୈଃ ପ୍ରାଣିଭିଃ ପ୍ରାପଣୀୟାଃ ।
ଇତ୍ୟୌତ୍ସୁକ୍ୟାଦପରିଗଣୟନ୍ ଗୁହ୍ୟକସ୍ତଂ ଯୟାଚେ
କାମାର୍ତ୍ତା ହି ପ୍ରକୃତିକୃପଣାଶ୍ଚେତନାଚେତନେଷୁ । ୫ ।
ଜାତଂ ବଂଶେ ଭୁବନବିଦିତେ ପୁଷ୍କରାବର୍ତ୍ତକାନାଂ
ଜାନାମି ତ୍ୱାଂ ପ୍ରକୃତିପୁରୁଷଂ କାମରୂପଂ ମଘୋନଃ ।

---

ହୋଇ ନୂତନ ପ୍ରସ୍ଫୁଟିତ ଗିରିମଲ୍ଲିପୁଷ୍ପରେ ଅର୍ଘ୍ୟ ସ୍ଥାପନପୂର୍ବକ ଆପଣଙ୍କର ଶୁଭାଗମନତ ? ଏହି ପ୍ରୀତିଗର୍ଭ ବଚନରେ ସେହି ଜଳଧରକୁ କୁଶଳ ସମ୍ବାଦ ପଚାରନ୍ତି । ୪ । ଧୂମ, ଜ୍ୟୋତିଃ, ସଲିଳ ଓ ବାୟୁ ଏହି ସବୁ ପଦାର୍ଥର ସଂଘାତସ୍ୱରୂପ ମେଘ ବା କେଉଁଠାରେ ? ଏବଂ କର-ପଦାଦି ଇନ୍ଦ୍ରିୟଯୁକ୍ତ ଜୀବମାନଙ୍କଦ୍ୱାରା ପ୍ରେରଣୀୟ ସମ୍ବାଦ ବା କେଉଁ-ଠାରେ ? ବସ୍ତୁତଃ ଏହି ଉଭୟଙ୍କର ସମାବେଶ ଏକାନ୍ତ ଅସମ୍ଭବ । ତଥାପି ଯକ୍ଷ ଯେ ଉତ୍କଣ୍ଠା ହେତୁରୁ ଏହା ବିବେଚନା ନ କରି ଦୌତ୍ୟକାର୍ଯ୍ୟ ସମ୍ପାଦନ ପାଇଁ ମେଘ ନିକଟରେ ପ୍ରାର୍ଥନା କଲେ । ତାହାର ତାଦୃଶ ପ୍ରାର୍ଥନା ନିତାନ୍ତ ଅସଙ୍ଗତ ନୁହେ; କାରଣ ଯେଉଁମାନେ ମଦନ-ବାଣରେ ଜର୍ଜରିତ ସେମାନଙ୍କର କାର୍ଯ୍ୟାକାର୍ଯ୍ୟ ବିବେକଶକ୍ତି ପ୍ରାୟ ଲୁପ୍ତ ହୋଇଯାଏ । ସେମାନେ ଚ ଚେତନ, ଚ ଅଚେତନ ସମସ୍ତଙ୍କ ନିକଟରେ କାତରତା ଦେଖାଇ ଥାନ୍ତି । ୫ ।

(ଯକ୍ଷ କହିଲେ) ହେ ମେଘ ! ଭୁବନବିଖ୍ୟାତ ପୁଷ୍କର ଓ ଆବର୍ତ୍ତକାଦି ମହଦ୍‌ବଂଶରେ ତୁମ୍ଭେ ଜନ୍ମଗ୍ରହଣ କରିଅଛ; ମୁଁ ତୁମ୍ଭକୁ

Digitized by srujanika@gmail.com

ତେନାର୍ଥିତ୍ୱଂ ତ୍ୱୟି ବିଧିବଶାଦ୍ଦୂରବନ୍ଧୁର୍ଗତୋଽହଂ
ଯାଚ୍ଞା ମୋଘା ବରମଧିଗୁଣେ ନାଧମେ ଲବ୍ଧକାମା । ୬ ।
ସନ୍ତପ୍ତାନାଂ ତ୍ୱମସି ଶରଣଂ ତତ୍ ପୟୋଦ ପ୍ରିୟାୟାଃ
ସନ୍ଦେଶଂ ମେ ହର ଧନପତିକ୍ରୋଧବିଶ୍ଲେଷିତସ୍ୟ ।
ଗନ୍ତବ୍ୟା ତେ ବସତିରଲକା ନାମ ଯକ୍ଷେଶ୍ୱରାଣାଂ
ବାହ୍ୟୋଦ୍ୟାନସ୍ଥିତହରଶିରଶ୍ଚନ୍ଦ୍ରିକାଧୌତହର୍ମ୍ମ୍ୟା । ୭ ।

ତ୍ୱାମାରୂଢ଼ଂ ପବନପଦବୀମୁଦ୍ଗୃହୀତାଳକାନ୍ତାଃ
ପ୍ରେକ୍ଷିଷ୍ୟନ୍ତେ ପଥିକବନିତାଃ ପ୍ରତ୍ୟୟାଦାଶ୍ୱସନ୍ତ୍ୟଃ ।

---

ବଶେଷରୂପେ ଜାଣେ, ତୁମ୍ଭେ କାମରୂପୀ ଓ ସୁରପତିଙ୍କର ପ୍ରଧାନ ପୁରୁଷ, ଏଥି ଲାଗି ମୁଁ ପ୍ରଣୟିନୀବିରହିତ ହୋଇ ତୁମ୍ଭ ନିକଟରେ ପ୍ରାର୍ଥନା କରିବାକୁ ଉଦ୍ୟତ ହୋଇଅଛି ; କାରଣ ସମଧିକ ଗୁଣବାନ୍ ମହଦ୍ବଂଶୋଦ୍ଭବ ମହାତ୍ମାଙ୍କ ନିକଟରେ ପ୍ରାର୍ଥନା ବିଫଳ ହେଲେ ମଧ୍ୟ ତାହା ଭଲ, କିନ୍ତୁ ହୀନ ଲୋକ ନିକଟରେ ପ୍ରାର୍ଥନା ସିଦ୍ଧ ହେଲେ ମଧ୍ୟ ତାହା କର୍ତ୍ତବ୍ୟ ନୁହେ । ୬ ।

ହେ ଜଳଦ ! ତୁମ୍ଭେ ଅତିସନ୍ତପ୍ତ ଜୀବମାନଙ୍କର ଏକମାତ୍ର ଆଶ୍ରୟ । ଏହି ବିଶ୍ୱମଣ୍ଡଳରେ ସନ୍ତପ୍ତ ଲୋକମାନେ ତୁମ୍ଭର ଶରଣ ଗ୍ରହଣ କରିଥାନ୍ତି । ମୁଁ ଯକ୍ଷାଧିପତିର ରୋଷରୁ କାନ୍ତାବିରହିତ ହୋଇ ସର୍ବଦା ସନ୍ତାପାଗ୍ନିରେ ଦଗ୍ଧୀଭୂତ ହେଉଅଛି । ତୁମ୍ଭେ ପ୍ରିୟତମା ନିକଟରେ ମୋହର କୁଶଳ ସମ୍ବାଦ ପ୍ରଦାନ କର । ବର୍ତ୍ତମାନ ତୁମ୍ଭେ ଅଳକାନାମ୍ନୀ କୁବେରନଗରୀକି ଯାତ୍ରା କରିବ । ସେଠାରେ ଦେଖିବ ଯେ ପୁଷ୍ପୋଦ୍ୟାନାଧିଷ୍ଠିତ ହରଚୂଡ଼ାମଣିସ୍ଥ ସୁଧାଂଶୁ କିରଣରେ ସେହି ସ୍ଥାନର ହର୍ମ୍ମ୍ୟ ସବୁ ଅଧିକତର ନିର୍ମଳତା ଓ ସମୁଜ୍ଜ୍ୱଳତା ଧାରଣ କରିଅଛି । ୭ ।

ତୁମ୍ଭେ ଯେତେବେଳେ ଗଗନପଥରେ ଚଢ଼ି ଯାତ୍ରା କରିବ, ସେତେବେଳେ ପ୍ରୋଷିତଭର୍ତ୍ତୃକା ମହିଳାମାନେ ପ୍ରିୟସମାଗମ ଆଶାରେ

Digitized by srujanika@gmail.com

କଃ ସନ୍ନଦ୍ଧେ ବିରହବିଧୁରାଂ ତ୍ୱୟ୍ୟୁପେକ୍ଷେତ ଜାୟାଂ
ନ ସ୍ୟାଦନ୍ୟୋଽପ୍ୟହମିବ ଜନୋ ଯଃ ପରାଧୀନବୃତ୍ତିଃ । ୮ ।

ମନ୍ଦଂମନ୍ଦଂ ନୁଦତି ପବନଶ୍ଚାନୁକୂଲୋ ଯଥା ତ୍ୱାଂ
ବାମଶ୍ଚାୟଂ ନଦତି ମଧୁରଂ ଚାତକସ୍ତେ ସଗନ୍ଧଃ ।
ଗର୍ଭାଧାନକ୍ଷଣପରିଚୟାନ୍ନୂନମାବଦ୍ଧମାଲାଃ
ସେବିଷ୍ୟନ୍ତେ ନୟନସୁଭଗଂ ଖେଭବନ୍ତଂ ବଲାକାଃ । ୯ ।

ତାଞ୍ଚାବଶ୍ୟଂ ଦିବସଗଣନାତତ୍ପରାମେକପତ୍ନୀ—
ମବ୍ୟାପନ୍ନାମବିହତଗତିର୍ଦ୍ରକ୍ଷ୍ୟସି ଭ୍ରାତୃଜାୟାଂ ।

---

ସମାଗ୍ମାପିତ ହୋଇ ଅନ କାବ୍ରଲୀ ଉତ୍ତୋଳନ କର ତୁମ୍ଭଙ୍କୁ ନେତ୍ର-ଗୋଚର କରବେ । ଯେଉଁ ବ୍ୟକ୍ତି ମୋ ପର ପରାଧୀନ ନୁହେ, ଯେଉଁ ବ୍ୟକ୍ତି ସ୍ୱାଧୀନ ଥାଇ ଅପଣାର ଇଚ୍ଛାନୁସାରେ କାର୍ଯ୍ୟ କରବାକୁ ସମର୍ଥ, ତାଦୃଶ କେଉଁ ବ୍ୟକ୍ତି ତୁମ୍ଭଙ୍କୁ ଆଗରେ ସମୁଦିତ ଏବଂ ନଜ କାର୍ଯ୍ୟ ସାଧନରେ ସମୁଦ୍ୟତ ଦେଖି ବିରହକାତରା ପ୍ରିୟତମାକୁ ଉପେକ୍ଷା କରି ପ୍ରବାସରେ ଅବସ୍ଥିତି କରବାକୁ ସମର୍ଥ ହେବ ? । ୮ । ହେ ବାରଦ ! ଦେଖ, ବାୟୁ ଅନୁକୂଳ ହୋଇ ତୁମ୍ଭଙ୍କୁ ମୃଦୁ ଧାବରେ ପରିଚାଳିତ କରୁ-ଅଛୁ । ଆହୁର ମଧ ଦେଖ, ତୁମ୍ଭର ବାମ ଭାଗରେ ଚାତକ ପକ୍ଷୀ ଗର୍ବ ସହିତ କଳକଣ୍ଠରେ ମଧୁର ନାଦ କର ତୁମ୍ଭର ଶୁଭ-ସୂଚନା କର ଦେଉଅଛୁ । ପୁତ୍ରୋତ୍ପାଦନରୂପ ମହୋତ୍ସବ ପରିଚିତ ଥିବାରୁ ବଲାକାବର୍ଗୀ ଗଗନପଥରେ ଶ୍ରେଣୀବଦ୍ଧ ହୋଇ ତୁମ୍ଭର ଉପାସନା କରବେ । ତୁମ୍ଭେ ସେହି ସମୟରେ ଦର୍ଶକମାନଙ୍କର ନୟନ-ରଞ୍ଜନ ହେବ ସନ୍ଦେହ ନାହିଁ । ୯ । ହେ ବାରଦ ! ଭୂମଣ୍ଡଳର କୌଣସି ସ୍ଥାନରେ ମଧ ତୁମ୍ଭର ଗତି ପ୍ରତିହତ ହେବାର ନୁହେ । ତୁମ୍ଭେ ମୋହର ଅନ୍ତଃପୁରରେ ପହଞ୍ଚି ଦର୍ଶନ କରିବ, ପତିରତା ସାଧ୍ୱୀ ତୁମ୍ଭର ଭ୍ରାତୃଜାୟା ଅଙ୍ଗୁଳାଗ୍ରର ନୟମିତ ତାଳ ଏକ ବର୍ଷର କେତେ ଦିନ ଗତ ହେଲା, ଅବଶିଷ୍ଟ ଥିବା କେତେ

Digitized by srujanika@gmail.com

ଆଶାବନ୍ଧ କୁସୁମସଦୃଶଂ ପ୍ରାୟଶୋ ହ୍ୟଙ୍ଗନାନାଂ
ସଦ୍ୟଃ ପାତି ପ୍ରଣୟି ହୃଦୟଂ ବିପ୍ରୟୋଗେ ରୁଣଦ୍ଧି । ୧୦ ।
କର୍ତ୍ତୁଂ ଯଚ୍ଚ ପ୍ରଭବତି ମହୀ ମୁଚ୍ଛିଲୀନ୍ଧ୍ରାମବନ୍ଧ୍ୟାଂ
ତଚ୍ଛ୍ରୁତ୍ୱା ତେ ଶ୍ରବଣସୁଭଗଂ ଗର୍ଜ୍ଜିତଂ ମାନସୋତ୍କାଃ ।
ଆକୈଳାସାଦ୍ବିସକିସଲୟଚ୍ଛେଦପାଥେୟବନ୍ତଃ
ସମ୍ପତ୍ସ୍ୟନ୍ତେ ନଭସି ଭବତୋ ରାଜହଂସାଃ ସହାୟାଃ । ୧୧ ।

ଆପୃଚ୍ଛସ୍ୱ ପ୍ରିୟସଖମମୁଂ ତୁଙ୍ଗମାଲିଙ୍ଗ୍ୟ ଶୈଳଂ
ବନ୍ଦ୍ୟୈଃ ପୁଂସାଂ ରଘୁପତିପଦୈରଙ୍କିତଂ ମେଖଳାସୁ ।
କାଲେ କାଲେ ଭବତି ଭବତୋ ଯସ୍ୟ ସଂଯୋଗମେତ୍ୟ
ସ୍ନେହବ୍ୟକ୍ତିଶ୍ଚିରବିରହଜଂ ମୁଞ୍ଚତୋ ବାଷ୍ପମୁଷ୍ଣଂ । ୧୨ ।

---

ଦିନ ଅଛି, ତାହା ଗଣନା କରିବାରେ ଅଭିନିବିଷ୍ଟ ରହିଅଛି । ଯେ ଏହି ବିରହସନ୍ତାପରେ ଦଗ୍ଧୀଭୂତ ହୋଇ କଦାଚ ଜୀବନ ବିସର୍ଜ୍ଜନ କରି ନାହିଁ, କାରଣ ମହିଳାମାନଙ୍କର ଆଶାବନ୍ଧ ବିରହାବସ୍ଥାରେ ସଦ୍ୟୋ-ଭ୍ରଂଶନଶୀଳ ପ୍ରଣୟି ଜୀବନରୂପ କୁସୁମ ଧାରଣ କରି ରଖେ । ୧୦ । ତୁମ୍ଭର ଯେଉଁ ଗମ୍ଭୀର ଗର୍ଜ୍ଜନ ବସୁଧାରେ ଉଦ୍‌ଭିଦ୍ ଶସ୍ୟ ସମ୍ପତ୍ତିସୂଚକ ଓ ଶିଲୀନ୍ଧ୍ର ସମ୍ପାଦକ, ମାନସସରୋବରକୁ ଗମନୋଦ୍ୟତ ମରାଳଗଣ ଯେହି ଶ୍ରୁତିସୁଖକର ଗର୍ଜ୍ଜନ ଶ୍ରବଣ କରି ମୃଣାଳକନ୍ଦ ପାଥେୟ ଗ୍ରହଣ ପୂର୍ବକ ଶୂନ୍ୟପଥରେ କୈଳାସଗିରି ପର୍ଯ୍ୟନ୍ତ ତୁମ୍ଭର ଅନୁଗାମୀ ହେବେ । ୧୧ । ହେ ଜଳଦ ! ବର୍ତ୍ତମାନ ତୁମ୍ଭେ ସର୍ବଜନପୂଜନୀୟ-ରଘୁପତି-ଚରଣଚିହ୍ନଦ୍ୱାରା ମେଖଳାଦେଶରେ ଚିହ୍ନିତ ଏହି ତୁମ୍ଭର ପ୍ରିୟସଖା ସମୁନ୍ନତ ରାମଗିରିଙ୍କି ସମାଲିଙ୍ଗନପୂର୍ବକ ସସ୍ନେହ ସମ୍ଭାଷଣ କର । ଦେଖ, ଏହି ଚିତ୍ରକୂଟଗିରି ପ୍ରତିବର୍ଷ ବର୍ଷାକାଳରେ ତୁମ୍ଭର ସମାଗମ ସୁଖ ପ୍ରାପ୍ତ ହୋଇ ଚିରବିରହଜନିତ ଉଷ୍ଣ ବାଷ୍ପ ପରିତ୍ୟାଗପୂର୍ବକ ଅନନ୍ୟ ସାଧାରଣ ସ୍ନେହ ପ୍ରଦର୍ଶନ କରିଥାଏ । ୧୨ । ହେ ଜଳଧର !

Digitized by srujanika@gmail.com

ମାର୍ଗଂ ତାବଚ୍ଛୃଣୁ କଥୟତସ୍ତ୍ୱତ୍ପ୍ରୟାଣାନୁରୂପଂ
ସନ୍ଦେଶଂ ମେ ତଦନୁ ଜଳଦ ଶ୍ରୋଷ୍ୟସି ଶ୍ରୋତ୍ରପେୟଂ ।
ଖିନ୍ନଃ ଖିନ୍ନଃ ଶିଖରିଷୁ ପଦଂ ନ୍ୟସ୍ୟ ଗନ୍ତାସି ଯତ୍ର
କ୍ଷୀଣଃ କ୍ଷୀଣଃ ପରିଲଘୁ ପୟଃ ସ୍ରୋତସାଂ ଚୋପଭୁଜ୍ୟ । ୧୩ ।
ଅଦ୍ରେଃ ଶୃଙ୍ଗଂ ହରତି ପବନଃ କିଂସ୍ୱିଦିତ୍ୟୁନ୍ମୁଖୀଭି-
ର୍ଦୃଷ୍ଟୋତ୍ସାହଶ୍ଚକିତଚକିତଂ ମୁଗ୍ଧସିଦ୍ଧାଙ୍ଗନାଭିଃ ।
ସ୍ଥାନାଦସ୍ମାତ୍ ସରସନିଚୁଳାଦୁତ୍ପତୋଦଙ୍ମୁଖଃ ଖଂ
ଦିଙ୍ନାଗାନାଂ ପଥି ପରିହରନ୍ ସ୍ଥୂଳହସ୍ତାବଲେପାନ୍ । ୧୪ ।
ରତ୍ନଚ୍ଛାୟା—ବ୍ୟତିକର ଇବ ପ୍ରେକ୍ଷ୍ୟମେତତ୍ ପୁରସ୍ତା-
ଦ୍ବଲ୍ମୀକାଗ୍ରାତ୍ ପ୍ରଭବତି ଧନୁଃ ଖଣ୍ଡମାଖଣ୍ଡଳସ୍ୟ ।

---

ପ୍ରଥମତଃ ତୁମ୍ଭର ଗମନୋପଯୁକ୍ତ ପଥ ନିର୍ଦ୍ଦେଶ କରି ଦେଉଅଛି ଅବଧାନ କର । ତତ୍ପରେ ଶ୍ରୋତ୍ରପେୟ ପୀୟୂଷ-ସଦୃଶ ବାଚନିକ ସମ୍ବାଦ ପ୍ରକାଶ କରିବି, ଶ୍ରବଣ କର । ଯେବେ ବାଟରେ ଶ୍ରାନ୍ତ ଓ କ୍ଲାନ୍ତ ବୋଧ ହେବ, ତାହାହେଲେ ସେଠାରେ ଥିବା ପର୍ବତରେ ଅବସ୍ଥିତି କରି ବିଶ୍ରାମ କରିବ ଏବଂ ଯେବେ ଅଧିକତର କ୍ଷୀଣ ହୁଅ, ତାହାହେଲେ ଗୁରୁତ୍ୱ ଦୋଷହୀନ ସ୍ରୋତଃସଲିଳ ପାନ କରି ଗମନ କରିବ ।୧୩। ହେ ମେଘ ! ଯେତେବେଳେ ତୁମ୍ଭେ ସରସ ସ୍ଥଳ ବେତସପରିଶୋଭିତ ଏହି ଆଶ୍ରମରୁ ବାହାରି ଗମନ କରିବ, ସେତେବେଳେ ବାଟରେ ଆଉ ତୁମ୍ଭଙ୍କୁ ଦିଗ୍ଗଜମାନଙ୍କର ସ୍ଥୂଳତର ଶୁଣ୍ଡବିକ୍ଷେପ ସହ୍ୟ କରିବାକୁ ହେବ ନାହିଁ । ତୁମ୍ଭ ଯିବା ସମୟରେ ମୁଗ୍ଧା ସିଦ୍ଧାଙ୍ଗନାମାନେ ଊର୍ଦ୍ଧ୍ୱମୁଖୀ ହୋଇ ସଚକିତ ନୟନରେ ସବିସ୍ମୟହୃଦୟରେ ତୁମ୍ଭର ଉତ୍ସାହ ଓ ଅଧ୍ୟବସାୟ ପର୍ଯ୍ୟବେକ୍ଷଣ କରିବେ ଏବଂ ସେମାନେ ମନେ ମନେ ଏହିପରି ଚିନ୍ତା କରିବେ ଯେ, ଅହୋ ! ପବନ କଣ ଚିତ୍ରକୂଟଗିରିର ଶୃଙ୍ଗଦେଶ ଉପାଡ଼ି ହରଣ କରି ନେଇ ଯାଉଅଛି ? ।୧୪। ହେ ପୟୋଧର ! ଦେଖ, ପଦ୍ମରାଗାଦି ମଣିପ୍ରଭା ମିଶ୍ରଣ ପରି ପ୍ରିୟଦର୍ଶନ ଇନ୍ଦ୍ରଧନୁ ଆଗରେ ବଲ୍ମୀକାଗ୍ରଦେଶରୁ ଆବିର୍ଭୂତ

Digitized by srujanika@gmail.com

ଯେନ ଶ୍ୟାମଂ ବପୁରତିତରାଂ କାନ୍ତିମାପତ୍ସ୍ୟତେ ତେ
ବର୍ହେଣେବ ସ୍ଫୁରିତ ରୁଚିନା ଗୋପବେଶସ୍ୟ ବିଷ୍ଣୋଃ । ୧୫ ।
ତ୍ୱଯ୍ୟାୟତ୍ତଂ କୃଷିଫଳମିତି ଭ୍ରୂବିଳାସାନଭିଜ୍ଞୈଃ
ପ୍ରୀତିସ୍ନିଗ୍ଧୈର୍ଜନପଦବଧୂଲୋଚନୈଃ ପୀୟମାନଃ ।
ସଦ୍ୟଃ ସୀରୋତ୍କଷଣସୁରଭି କ୍ଷେତ୍ରମାରୁହ୍ୟ ମାଳଂ
କିଞ୍ଚିତ୍ ପଶ୍ଚାଦ୍ ବ୍ରଜ ଲଘୁଗତିର୍ଭୂୟ ଏବୋତ୍ତରେଣ । ୧୬ ।
ତ୍ୱାମାସାର ପ୍ରଶମିତ ବନୋପପ୍ଲବଂ ସାଧୁ ମୂର୍ଦ୍ଧ୍ନା
ବକ୍ଷ୍ୟତ୍ୟଧ୍ୱଶ୍ରମପରିଗତଂ ସାନୁମାନାମ୍ରକୂଟଃ ।

---

ହୋଇଅଛି । ତାହାଦ୍ୱାରା ତୁମ୍ଭର ଶ୍ୟାମଳ ଦେହ ଅପୂର୍ବକାନ୍ତି ସମଳଂକୃତ ହେବ ଏବଂ ବୋଧ ହେବ ଯେପରି ତୁମ୍ଭେ ଉଜ୍ଜ୍ୱଳ-କାନ୍ତି, ମୟୂରପୁଚ୍ଛଭୂଷିତ, ଗୋପବେଶଧାରୀ ହରିଙ୍କର ଦିବ୍ୟ ଶୋଭା ହରଣ କରିଅଛ । ୧୫ । ହେ ଜଳଦ ! କୃଷିକାର୍ଯ୍ୟର ଫଳ ଶସ୍ୟାଦି ତୁମ୍ଭର ଅଧୀନ, ତୁମ୍ଭେ ଜଳ ବର୍ଷଣ ନ କଲେ କୌଣସି ପ୍ରକାରେ ଶସ୍ୟାଦିର ସମୁତ୍ପାଦନ ସମ୍ଭବ ନୁହେ । ଏହି ହେତୁରୁ ଭ୍ରୂବିଳାସରେ ଅନଭିଜ୍ଞା ଜନପଦବାସିନୀ କାମିନୀମାନେ ଅକୃତ୍ରିମ ପ୍ରେମପୂର୍ଣ୍ଣ ନୟନରେ ତୁମ୍ଭଙ୍କୁ ଦର୍ଶନ କରିବେ । ତୁମ୍ଭେ ମଧ୍ୟ ସେହି ସମୟରେ ହଳକର୍ଷଣରୁ ଜାତ ସୁଗନ୍ଧରେ ଆମୋଦିତ, ସମୁନ୍ନତ ମାଳ ନାମକ କ୍ଷେତ୍ରରେ ସଲିଳ ବର୍ଷଣ କରି କିଞ୍ଚିତ୍ ପଶ୍ଚିମ ଦିଗକୁ ଗମନ କରିବ । ଯେହି ସମୟରେ ସଲିଳ କ୍ଷୟ ଓ ଦେହ ଲାଘବ ହେତୁରୁ ଶୀଘ୍ରଗତି ହେଲେ ପୁନର୍ବାର ଉତ୍ତର ଦିଗକୁ ଗମନ କରିବ । ୧୬ । ହେ ଜଳଧର ! ତୁମ୍ଭେ ଅବିରାମ ସଲିଳଧାରା ବର୍ଷଣଦ୍ୱାରା ଦାବାଗ୍ନି ପ୍ରଭୃତି ଅରଣ୍ୟର ଯାବତୀୟ ଉପଦ୍ରବ ଦୂରିତ କରିଥାଅ, ଏପରି ଉପକାର ମିତ୍ରତାସତ୍ତ୍ୱେ ପଥଶ୍ରାନ୍ତ ହୋଇ ଅଭ୍ୟାଗତ ହେଲେ ଆମ୍ରକୂଟଗିରି ତୁମ୍ଭଙ୍କୁ ପ୍ରିୟତମ ବନ୍ଧୁ ଜାଣି ପରମସମାଦରରେ ମସ୍ତକରେ ଧାରଣ କରିବ;

Digitized by srujanika@gmail.com

ନ କ୍ଷୁଦ୍ରୋଽପି ପ୍ରଥମସୁକୃତାପେକ୍ଷୟା ସଂଶ୍ରୟାୟ
ପ୍ରାପ୍ତେ ମିତ୍ରେ ଭବତି ବିମୁଖଃ କିଂ ପୁନର୍ଯସ୍ତଥୋଚ୍ଚୈଃ । ୧୭ ।

ଛନ୍ନୋପାନ୍ତଃ ପରିଣତଫଳଦ୍ୟୋତିଭିଃ କାନନାମ୍ରୈ-
ସ୍ତ୍ୱୟ୍ୟାରୂଢ଼େ ଶିଖରମଚଳଃ ସ୍ନିଗ୍ଧବେଣୀସବର୍ଣ୍ଣେ ।
ନୂନଂ ଯାସ୍ୟତ୍ୟମରମିଥୁନପ୍ରେକ୍ଷଣୀୟାମବସ୍ଥାଂ
ମଧ୍ୟେ ଶ୍ୟାମଃ ସ୍ତନ ଇବ ଭୁବଃ ଶେଷବିସ୍ତାରପାଣ୍ଡୁଃ । ୧୮ ।

ଅଧ୍ୱକ୍ଲାନ୍ତଂ ପ୍ରତିମୁଖଗତଂ ସାନୁମାଂଶ୍ଚିତ୍ରକୂଟ-
ସ୍ତୁଙ୍ଗେନ ତ୍ୱାଂ ଜଳଦ ଶିରସା ବକ୍ଷ୍ୟତି ଶ୍ଳାଘମାନଃ ।
ଆସାରେଣ ତ୍ୱମପି ଶମୟେସ୍ତସ୍ୟ ନୈଦାଘମଗ୍ନିଂ
ସଦ୍ଭାବାର୍ଦ୍ରଃ ଫଳତି ହି ଚିରେଣୋପକାରୋ ମହତ୍ସୁ ।

---

କାରଣ, ହିତାକାଙ୍କ୍ଷୀ ସୁହୃଦ ଲୋକ ଆସିଲେ ଆମ୍ରକୂଟଗିରି ପରି ଉନ୍ନତ କଥା ଦୂରେ ଥାଉ, କ୍ଷୁଦ୍ର ମଧ୍ୟ ପୂର୍ବାନୁଷ୍ଠିତ ଉପକାର ସ୍ମରଣ କରି ସମାଗତ ବାନ୍ଧବଙ୍କ ପ୍ରତି ବିମୁଖ ହେବାରେ ସମର୍ଥ ହୁଏ ନାହିଁ । ୧୭ । ହେ ବାରିଧର ! ତୁମ୍ଭର ବର୍ଣ୍ଣ ସ୍ନିଗ୍ଧ ବେଣୀ ପରି ମନୋହର, ଆମ୍ରକୂଟଗିରିର ଉପାନ୍ତ ପ୍ରଦେଶ ପରିଣତ ଫଳପୁଞ୍ଜରେ ବିରାଜିତ ବନ୍ୟଚୂତ ପଟଳରେ ସମାଚ୍ଛନ୍ନ । ତୁମ୍ଭେ ଶିଖର ପ୍ରଦେଶରେ ସମାରୂଢ଼ ହେଲେ ସେହି ଗିରି ତ୍ରିଦଶମିଥୁନର ଲୋଚନରଞ୍ଜକ ହେବ । ସେହି ପର୍ବତର ମଧ୍ୟସ୍ଥଳରେ ତୁମ୍ଭର ଅବସ୍ଥାନ ହେତୁରୁ ସେ ଅଗ୍ରଦେଶରେ ଶ୍ୟାମଳ ଓ ଅବଶିଷ୍ଟ ବିସ୍ତୃତି ପାଣ୍ଡୁବର୍ଣ୍ଣ ହୋଇ ବସୁମତୀର ସ୍ତନ ପରି ଦୃଶ୍ୟମାନ ହେବ । ୧୮ । ହେ ଜଳଦ ! ତୁମ୍ଭେ ପଥଶ୍ରାନ୍ତ ହୋଇ ପୁରୋଭାଗରେ ପହଞ୍ଚିଲେ ଚିତ୍ରକୂଟଗିରି ତୁମ୍ଭଙ୍କୁ ଶ୍ଳାଘ୍ୟ ଜ୍ଞାନ କରି ସର୍ବୋଚ୍ଚ ଶିରରେ ବହନ କରିବ; ତୁମ୍ଭେ ସଲିଳ ବର୍ଷଣଦ୍ୱାରା ତଦୀୟ ଗ୍ରୀଷ୍ମାଗ୍ନି ଲିଭାଇବାରେ ଯତ୍ନବାନ୍ ହେବ; କାରଣ, ସଦ୍ଭାବ ହେତୁରୁ ମହାତ୍ମା ବ୍ୟକ୍ତିର ହିତସାଧନ କଲେ ଶୀଘ୍ର ତହିଁର ଶୁଭଫଳ ମିଳେ । ବନଚର

Digitized by srujanika@gmail.com

ସ୍ଥିତ୍ୱା ତସ୍ମିନ୍ ବନଚରବଧୂଭୁକ୍ତକୁଞ୍ଜେ ମୁହୂର୍ତ୍ତଂ
ତୋୟୋତ୍ସର୍ଗାଦ୍ ଦ୍ରୁତତରଗତିସ୍ତତ୍ପରଂ ବର୍ତ୍ମତୀର୍ଣ୍ଣଃ ।
ରେବାଂ ଦ୍ରକ୍ଷ୍ୟସ୍ୟୁପଳବିଷମେ ବିନ୍ଧ୍ୟପାଦେ ବିଶୀର୍ଣ୍ଣାଂ
ଭକ୍ତିଚ୍ଛେଦୈରିବ ବିରଚିତାଂ ଭୂତିମଙ୍ଗେ ଗଜସ୍ୟ । ୧୯ ।

ତସ୍ୟାସ୍ତିକ୍ତୈର୍ବନଗଜମଦୈର୍ବାସିତଂ ବାନ୍ତବୃଷ୍ଟି-
ର୍ଜମ୍ବୂକୁଞ୍ଜପ୍ରତିହତରୟଂ ତୋୟମାଦାୟ ଗଚ୍ଛେଃ ।
ଅନ୍ତଃସାରଂ ଘନତୁଳୟିତୁଂ ନାନିଳଃ ଶକ୍ଷ୍ୟତି ତ୍ୱାଂ
ରିକ୍ତଃ ସର୍ବୋ ଭବତି ହି ଲଘୁଃ ପୂର୍ଣ୍ଣତା ଗୌରବାୟ । ୨୦ ।

---

ବଧୂମାନେ ଯେଉଁ ଶିଳଖଣ୍ଡଗୃହର ଯେଉଁ ସ୍ଥାନରେ କୁଞ୍ଜ ମଧ୍ୟରେ ବିହାର କରନ୍ତି, କିଛି ସମୟ ତୁମ୍ଭେ ସେଠାରେ ବିଶ୍ରାମ କରି ସଲିଳ ଧାରା ବର୍ଷଣ କଲେ ଲଘୁ ହୋଇ ଦ୍ରୁତଗତି ହୋଇ ଯାଇବ ସନ୍ଦେହ ନାହିଁ । ତତ୍ପରେ କିଛିଦୂର ଅତିକ୍ରମ କରି ଦେଖିବ, ସ୍ୱଚ୍ଛସଲିଳା ରେବା ନଦୀ ବିନ୍ଧ୍ୟାଚଳର ଉନ୍ନତାବନତ ପ୍ରସ୍ତରସ୍ତୂପରେ କ୍ଷୀଣାଙ୍ଗୀ ହୋଇ ମଦମତ୍ତ ମାତଙ୍ଗ ଶରୀରରେ ଲିଖିତ ଚିତ୍ର ପରି ଶୋଭା ଧାରଣ କରୁଅଛି । ୧୯ । ହେ ବନ୍ଧୁକ ! ସେହି ରେବାର ସ୍ରୋତ ଜମ୍ବୁକୁଞ୍ଜରେ ପ୍ରତିହତ ପ୍ରାପ୍ତ ଓ ତଦୀୟ ସଲିଳକଣିକା ଆରଣ୍ୟ ମତ୍ତମାତଙ୍ଗମାନଙ୍କର ତିକ୍ତ ମଦଦ୍ୱାରା ସୁରଭୀକୃତ ହୋଇଅଛି । ତୁମ୍ଭେ ସଲିଳ ବର୍ଷଣ ପରେ ଯେହି ଜଳ କିଞ୍ଚିତ୍ ଗ୍ରହଣ କରି ପୁନର୍ବାର ଯାତ୍ରା କରିବ । କାରଣ, ତୁମ୍ଭ ଅନ୍ତରେ ସାରବସ୍ତୁ ବିଦ୍ୟମାନ ଥିଲେ ପବନଦେବ କଦାପି ତୁମ୍ଭଙ୍କୁ ବିଚଳିତ କରିବାକୁ ସମର୍ଥ ହେବେ ନାହିଁ । ବିବେଚନା କରି ଦେଖ, ଯେତେବେଳେ କେହି ବଳହୀନ ହୁଏ, ସେତେବେଳେ ସେ ସମସ୍ତଙ୍କ ନିକଟରେ ଲଘୁ ହୋଇଥାଏ, ଆଉ ସାରବାନ୍ ବ୍ୟକ୍ତି ସବୁଠାରେ ଗୌରବଶାଳୀ ହେବାର ଦେଖାଯାଏ । ୨୦ । ହେ ପୟୋଦ !

Digitized by srujanika@gmail.com

ନୀପଂ ଦୃଷ୍ଟ୍ୱା ହରିତକପିଶଂ କେଶରୈରର୍ଦ୍ଧରୂଢୈ-
ରାବିର୍ଭୂତ ପ୍ରଥମମୁକୁଲାଃ କନ୍ଦଲୀଶ୍ଚାନୁକଚ୍ଛଂ ।
ଜଗ୍ଧ୍ୱାରଣ୍ୟେଷ୍ୱଧିକ ସୁରଭିଂ ଗନ୍ଧମାଘ୍ରାୟ ଚୋର୍ବ୍ୟାଃ
ସାରଙ୍ଗାସ୍ତେ ଜଲଲବମୁଚଃ ସୂଚୟିଷ୍ୟନ୍ତି ମାର୍ଗଂ । ୨୧ ।

ଅମ୍ଭୋବିନ୍ଦୁ ଗ୍ରହଣ ଚତୁରାଂ ଶ୍ଚାତକାନ୍ ବୀକ୍ଷ୍ୟମାଣାଃ
ଶ୍ରେଣୀଭୂତାଃ ପରିଗଣନୟା ନିର୍ଦ୍ଦିଶନ୍ତୋ ବଲାକାଃ ।
ତ୍ୱାମାସାଦ୍ୟ ସ୍ତନିତସମୟେ ମାନୟିଷ୍ୟନ୍ତି ସିଦ୍ଧାଃ
ସୋତ୍କମ୍ପାନି ପ୍ରିୟସହଚରୀ ସମ୍ଭ୍ରମାଲିଙ୍ଗିତାନି । ୨୨ ।

ଉତ୍ପଶ୍ୟାମି ଦ୍ରୁତମପି ସଖେ ମତ୍ପ୍ରିୟାର୍ଥଂ ୟିୟାସୋଃ
କାଳକ୍ଷେପଂ କକୁଭସୁରଭୌ ପର୍ବତେ ପର୍ବତେ ତେ ।

---

ସାରଙ୍ଗସମୂହ ଅର୍ଦ୍ଧୋଦ୍ଗତ କେଶରଦ୍ୱାରା ପଲାଶ ଓ କୃଷ୍ଣ ପୀତବର୍ଣ୍ଣ ସ୍ଥଳ-କଦମ୍ବ ଦର୍ଶନ ଏବଂ ଅନୂପଦେଶଜାତ ଭୂମିକନ୍ଦଳୀର ପ୍ରଥମୋତ୍ପନ୍ନ ମୁକୁଳ ଭୋଜନ କରି ବନେ ବନେ ଭୂମିର ସୁରଭି ଗନ୍ଧ ଆଘ୍ରାଣପୂର୍ବକ ତୁମ୍ଭ ପଥ ଦେଖାଇ ଦେବ । ୨୧ । ହେ ନୀରଦ ! ତୁମ୍ଭେ ଯିବା-ବେଳେ ବାଟରେ ଦେଖି ପାରିବ, ସିଦ୍ଧପୁରୁଷମାନେ ସଲିଲ ବିନ୍ଦୁ ଗ୍ରହଣରେ ସମୁତ୍ସୁକ ଚାତକକୁଳକୁ ଦେଖୁ ଦେଖୁ ବକ-ପଂକ୍ତି ବକ-ସମୂହ ନିର୍ଦ୍ଦେଶପୂର୍ବକ ଗୋଟି ଗୋଟି କରି ଗଣନା କରିବାରେ ପ୍ରବୃତ୍ତ ହୋଇଅଛନ୍ତି । ତୁମ୍ଭେ ସେହି ସମୟରେ ଗର୍ଜନ କଲେ ତୁମ୍ଭ କୃପାରେ ସିଦ୍ଧମାନେ ପ୍ରଣୟିନୀର ସସମ୍ଭ୍ରମ ଅତିଶୟ କମ୍ପନ ସହିତ ଆଲିଙ୍ଗନ ଲାଗି ସୁଖାନୁଭବ କରି ତୁମ୍ଭଙ୍କୁ ସାଧୁବାଦ ପ୍ରଦାନ କରୁଥିବେ । ୨୨ । ହେ ସଖେ ! ଯେବେ ଅବା ମୋହର ହିତସାଧନ ପାଇଁ ଶୀଘ୍ର ଗମନରେ ତୁମ୍ଭର ଇଚ୍ଛା ଜନ୍ମିଅଛି, ତଥାପି ମୋହର ଏଷ୍ଟ ଅନୁମାନ ହେଉଅଛି ଯେ, ବକଶିତ କୁଟଜ କୁସୁମର ସୁଗନ୍ଧରେ ଆମୋଦିତ ପ୍ରତି ପର୍ବତରେ ତୁମ୍ଭର ଅନେକ ବିଳମ୍ବ ହେବ ; କାରଣ, ସେହି ସବୁ

Digitized by srujanika@gmail.com

ଶୁକ୍ଳାପାଙ୍ଗୈଃ ସଜଲନୟନୈଃ ସ୍ୱାଗତୀକୃତ୍ୟ କେକାଃ
ପ୍ରତ୍ୟୁଦ୍ୟାତଃ କଥମପି ଭବାନ୍ ଗନ୍ତୁମାଶୁ ବ୍ୟବସ୍ୟେତ୍ । ୨୩ ।
ପାଣ୍ଡୁଚ୍ଛାୟୋପବନବୃତୟଃ କେତକୈଃ ସୂଚିଭିନ୍ନୈ-
ର୍ନୀଡାରମ୍ଭୈ ଗୃହବଳିଭୁଜାମାକୁଳଗ୍ରାମଚୈତ୍ୟାଃ ।
ତ୍ୱୟ୍ୟାସନ୍ନେ ପରିଣତଫଲଶ୍ୟାମଜମ୍ବୂବନାନ୍ତାଃ
ସମ୍ପତ୍ସ୍ୟନ୍ତେ କତିପୟଦିନସ୍ଥାୟିହଂସା ଦଶାର୍ଣ୍ଣାଃ । ୨୪ ।
ତେଷାଂ ଦିକ୍ଷୁ ପ୍ରଥିତବିଦିଶା ଲକ୍ଷଣାଂ ରାଜଧାନୀଂ
ଗତ୍ୱା ସଦ୍ୟଃ ଫଲମବିକଳଂ କାମୁକତ୍ୱସ୍ୟ ଲବ୍ଧା ।
ତୀରୋପାନ୍ତସ୍ତନିତସୁଭଗଂ ପାସ୍ୟସି ସ୍ୱାଦୁ ଯସ୍ମାତ୍
ସଭ୍ରୂଭଙ୍ଗଂ ମୁଖମିବ ପୟୋ ବେତ୍ରବତ୍ୟାଶ୍ଚଲୋର୍ମ୍ମି । ୨୫ ।

---

ପର୍ବତବାସୀ ମୟୂରମାନେ କେକା ରବରେ ସ୍ୱାଗତ ପ୍ରଶ୍ନ କରି ଶୁକ୍ଳ-ନେତ୍ରରେ ପ୍ରତ୍ୟୁଦ୍ଗମନପୂର୍ବକ ଅତି କଷ୍ଟରେ ଅନିଚ୍ଛାସତ୍ତ୍ୱେ ତୁମ୍ଭଙ୍କୁ ବିଦାୟ ପ୍ରଦାନ କଲେ, ତତ୍ପରେ ତୁମ୍ଭେ ଚଞ୍ଚଳଗତିରେ ଗମନ କରିବାକୁ ସମର୍ଥ ହେବ । ୨୩ । ତୁମ୍ଭେ ଦଶାର୍ଣ୍ଣ ନାମକ ଜନପଦର ନିକଟବର୍ତ୍ତୀ ହେଲେ ତତ୍ରତ୍ୟ ଉପବନସମୂହ ବିକସିତାଗ୍ର କେତକ ପୁଷ୍ପରେ ପାଣ୍ଡୁ-ବର୍ଣ୍ଣ ଗ୍ରାମ୍ୟ ଚୈତ୍ୟତରୁ ସବୁ ବାୟସାଦି ଗ୍ରାମ୍ୟବିହଗମାନଙ୍କର ବସା ନିର୍ମ୍ମାଣରେ ଆକୁଳ ହୋଇ ଉଠିବ ପରିଣତ ଫଳମାନଙ୍କରେ ଶ୍ୟାମ-ବର୍ଣ୍ଣ ଜମ୍ବୁକାନନଦ୍ୱାରା ସେହି ପ୍ରଦେଶ ପ୍ରିୟଦର୍ଶନ ହେବ; ମରାଳ-ମାନେ କେତେ ଦିନ ମାତ୍ର ସେଠାରେ ଅବସ୍ଥାନ କରିବେ । ୨୪ । ହେ ଜଳଧର ! ସେହି ଦଶାର୍ଣ୍ଣ ଜନପଦ ମଧ୍ୟରେ ବିଦିଶାନାମ୍ନୀ ରାଜଧାନୀ ସର୍ବଠାରେ ପ୍ରସିଦ୍ଧ । ତୁମ୍ଭେ ସେଠାରେ ଉପସ୍ଥିତ ହୋଇ ସର୍ବଦା ବିଳାସିତାର ଯାବତୀୟ ଫଳ ସମ୍ଭୋଗ କରି ପାରିବ; କାରଣ, ତୁମ୍ଭେ ତଟ ପ୍ରାନ୍ତରେ ଉପସ୍ଥିତ ହୋଇ ଗର୍ଜନ ସହିତ ବେତ୍ରବତୀର ସୁସ୍ୱାଦୁ ସଲିଳ ପାନ କରିବ । ସେହି ଜଳ ଚଞ୍ଚଳ ତରଙ୍ଗପୂର୍ଣ୍ଣ ଓ ଭ୍ରୂଭଙ୍ଗ-ଯୁକ୍ତ ମୁଖ ପରି ମନୋଜ୍ଞ । ୨୫ । ହେ ପୟୋଦ ! ତୁମ୍ଭେ ବିଶ୍ରାମ ପାଇ

Digitized by srujanika@gmail.com

ନୀଚୈରାଖ୍ୟଂ ଗିରିମଧିବସେସ୍ତତ୍ର ବିଶ୍ରାମହେତୋ-
ସ୍ତ୍ୱତ୍ସମ୍ପର୍କାତ୍ ପୁଲକିତମିବ ପ୍ରୌଢ଼ପୁଷ୍ପୈଃ କଦମ୍ବୈଃ ।
ଯଃ ପଣ୍ୟସ୍ତ୍ରୀରତିପରିମଳୋଦ୍ଗାରିଭିର୍ନାଗରାଣା-
ମୁଦ୍ଦାମାନି ପ୍ରଥୟତି ଶିଳାବେଶ୍ମଭିର୍ଯୌବନାନି । ୨୬ ।

ବିଶ୍ରାନ୍ତଃ ସନ୍ ବ୍ରଜ ବନନଦୀ ତୀରଜାତାନି ସିଞ୍ଚ-
ନ୍ନୁଦ୍ୟାନାନାଂ ନବଜଳକଣୈର୍ଯୂଥିକା ଜାଲକାନି ।
ଗଣ୍ଡସ୍ୱେଦାପନୟନରୁଜା କ୍ଳାନ୍ତକର୍ଣ୍ଣୋତ୍ପଳାନାଂ
ଛାୟାଦାନାତ୍ କ୍ଷଣପରିଚିତଃ ପୁଷ୍ପଲାବୀମୁଖାନାଂ । ୨୭ ।

ବକ୍ରଃ ପନ୍ଥା ଯଦପି ଭବତଃ ପ୍ରସ୍ଥିତସ୍ୟୋତ୍ତରାଶାଂ
ସୌଧୋତ୍ସଙ୍ଗପ୍ରଣୟବିମୁଖୋ ମାସ୍ମଭୂରୁଜ୍ଜୟିନ୍ୟାଃ ।

---

ସେହି ବିଦିଶା ନଗରୀର ସମୀପବର୍ତ୍ତୀ ବାମନାଗିରିରେ ଅବସ୍ଥିତି କରିବ, ଯେଉଁ ସ୍ଥାନରେ ଅସଂଖ୍ୟ କଦମ୍ବ କୁସୁମ ବିକସିତ ହେବାରୁ ବୋଧ ହେବ ଯେପରି, ତୁମ୍ଭ ସହିତ ସମାଗମ ହେବାରୁ ଗିରିବରର ଆହ୍ଲାଦରେ ରୋମାଞ୍ଚ ସଞ୍ଚାର ହୋଇଅଛି । ସେହି ପର୍ବତକନ୍ଦର ସବୁ ବାରବିଳାସିନୀମାନଙ୍କର ରତିପରିମଳଗନ୍ଧ ବିସ୍ତାରଦ୍ୱାରା ନାଗରିକମାନଙ୍କର ଉଦ୍ଦାମ ଯୌବନ ପ୍ରକାଶିତ କରାଦେବ । ୨୬ । ବନନଦୀତୀରସ୍ଥ କାନନ ସମୂହରେ ଯୂଥିକା ପୁଷ୍ପର ଯେଉଁ ସବୁ କୁଡ଼୍ମଳ ସ୍ୱୟଂ ସମ୍ଭୂତ ହୋଇଅଛି, ତୁମ୍ଭେ ଏହି ପ୍ରକାରେ ପଥଶ୍ରମ ଅପନୋଦନ ପୂର୍ବକ ସେହି ସବୁ କୁଡ଼୍ମଳୋପରି ଅଭିନବ ସଲିଳକଣା ବର୍ଷଣ କରୁ କରୁ ପ୍ରସ୍ଥାନ କରିବ । ଯେଉଁ ସବୁ ବିଳାସିନୀମାନେ କୁସୁମ ଚୟନରେ ବ୍ୟସ୍ତ ସେମାନଙ୍କର ଗଣ୍ଡପ୍ରଦେଶଜାତ ସ୍ୱେଦବିନ୍ଦୁ ଅପନୋଦନ ସମୟରେ କର୍ଣ୍ଣୋତ୍ପଳ କ୍ଳିଷ୍ଟ ଓ ମ୍ଳାନ ହେଲେ ତୁମ୍ଭେ ସେହି ସବୁ କାମିନୀମାନଙ୍କର ବଦନଦେଶରେ ଛାୟାପ୍ରଦାନପୂର୍ବକ କିୟତ୍‌କାଳପାଇଁ ପରିଚିତ ହେବ । ହେ ପ୍ରିୟତମ ! ଯେବେ ଅବା ଉଜ୍ଜୟିନୀ ବାଟେ ଗଲେ ତୁମ୍ଭର ବାଟ

Digitized by srujanika@gmail.com

ବିଦ୍ୟୁଦ୍ଦାମ ସ୍ଫୁରିତଚକିତୈସ୍ତତ୍ର ପୌରାଙ୍ଗନାନାଂ
ଲୋଳାପାଙ୍ଗୈର୍ଯଦି ନ ରମସେ ଲୋଚନୈର୍ବଞ୍ଚିତୋଽସି ।୨୮।

ବୀଚିକ୍ଷୋଭ ସ୍ତନିତବିହଗଶ୍ରେଣୀ କାଞ୍ଚୀଗୁଣାୟାଃ
ସଂସର୍ପନ୍ତ୍ୟାଃ ସ୍ଖଳିତସୁଭଗଂ ଦର୍ଶିତାବର୍ତ୍ତନାଭେଃ ।
ନିର୍ବିନ୍ଧ୍ୟାୟାଃ ପଥିଭବ ରସାଭ୍ୟନ୍ତରଃ ସନ୍ନିପତ୍ୟ
ସ୍ତ୍ରୀଣାମାଦ୍ୟଂ ପ୍ରଣୟବଚନଂ ବିଭ୍ରମୋ ହି ପ୍ରିୟେଷୁ ।୨୯।

ବେଣୀଭୂତ ପ୍ରତନୁସଲିଲା ସାଽତୀତସ୍ୟ ସିନ୍ଧୁଃ
ପାଣ୍ଡୁଚ୍ଛାୟା ତଟରୁହତରୁ ଭ୍ରଂଶିଭିର୍ଜୀର୍ଣ୍ଣପର୍ଣ୍ଣୈଃ ।

---

ବଞ୍ଚିତ ହେବ, ତଥାପି ସେହି ନଗରୀର ସମୁନ୍ନତ ପ୍ରାସାଦୋପର ଥରେ ମାତ୍ର ଉପବିଷ୍ଟ ହେବାରେ ବିମୁଖ ହେବ ନାହିଁ । କାରଣ, ତତ୍ରତ୍ୟ ପୌରାଙ୍ଗନାମାନଙ୍କର ବିଦ୍ୟୁଦ୍ଦାମାଗ୍ରର ସ୍ଫୁରିତ ଓ ଚକିତ ଲୋଳକଟାକ୍ଷ ନୟନ ସହିତ କ୍ରୀଡ଼ା କୌତୁକରୁ ବଞ୍ଚିତ ହେଲେ ତୁମ୍ଭର ଜୀବନଧାରଣ ବିଫଳ ହେବ ।୨୮। ଯେତେବେଳେ ତୁମ୍ଭେ ଉଜ୍ଜୟିନୀ ପଥରେ ଗମନ କରିବ, ସେତେବେଳେ ବାଟରେ ନିର୍ବିନ୍ଧ୍ୟା ନାମ୍ନୀ ତରଙ୍ଗିଣୀ ସହିତ ସଙ୍ଗତ ହୋଇ ଉପଭୋଗପୂର୍ବକ ଶୃଙ୍ଗାରରସରେ ପରିପୂର୍ଣ୍ଣ ହେବ । ସେହି ନଦୀ ତରଙ୍ଗକ୍ଷୋଭରେ ଶବ୍ଦାୟମାନା ପକ୍ଷିଶ୍ରେଣୀ ରୂପ କାଞ୍ଚୀ-ଦାମରେ ବିଭୂଷିତା ଏବଂ ଆବର୍ତ୍ତ ରୂପ ନାଭି ପ୍ରଦର୍ଶନ କରିବ । ବିନା ପ୍ରାର୍ଥନାରେ ନିକଟର ଉପଗତ ହେବ, ମନେ ମନେ ସେ ଆଶଙ୍କା କରିବାର ପ୍ରୟୋଜନ ନାହିଁ । କାରଣ, କାମିନୀମାନେ ପ୍ରଥମେ ନିଜ ମୁଖରେ କିଛି ପ୍ରାର୍ଥନା ପ୍ରକାଶ କରନ୍ତି ନାହିଁ, ପ୍ରଣୟି ବ୍ୟକ୍ତି ନିକଟରେ ବିଭ୍ରମବିଳାସ ପ୍ରଦର୍ଶନ ସେମାନଙ୍କର ପ୍ରଥମ ପ୍ରଣୟ ପ୍ରକାଶକ ବାକ୍ୟ ପରି ହୋଇ-ଥାଏ ।୨୯। ହେ ସୁଭଗ ! ଯେଉଁ ନଦୀର ନିଦାଘକାଳୀନ ବାରିପ୍ରବାହ ବିରହାବସ୍ଥାରେ ଏକ ବେଣୀ ପରି ହୋଇଅଛି, ଯେଉଁ ନଦୀ ତଟଜାତ ପାଦପସମୂହରୁ ପରିଭ୍ରଷ୍ଟ ଜୀର୍ଣ୍ଣପତ୍ରଦ୍ୱାରା ପାଣ୍ଡୁରତା

Digitized by srujanika@gmail.com

ସୌଭାଗ୍ୟଂ ତେ ସୁଭଗ ବିରହାବସ୍ଥୟା ବ୍ୟଞ୍ଜୟନ୍ତୀ
କାର୍ଶ୍ୟଂ ଯେନ ତ୍ୟଜତି ବିଧିନା ସ ତ୍ୱୟୈବୋପପାଦ୍ୟଃ ।୩୦।

ପ୍ରାପ୍ୟାବନ୍ତୀନୁଦୟନକଥାକୋବିଦଗ୍ରାମବୃଦ୍ଧାନ୍
ପୂର୍ବୋଦ୍ଦିଷ୍ଟାମନୁସର ପୁରୀଂ ଶ୍ରୀବିଶାଳାଂ ବିଶାଳାଂ ।
ସ୍ୱଳ୍ପୀଭୂତେ ସୁଚରିତଫଳେ ସ୍ୱର୍ଗିଣାଂ ଗାଂ ଗତାନାଂ
ଶେଷୈଃ ପୁଣ୍ୟୈର୍ହୃତମିବ ଦିବଃ କାନ୍ତିମତ୍ ଖଣ୍ଡମେକଂ ।୩୧।

ଦୀର୍ଘୀକୁର୍ବନ୍ ପଟୁ ମଦକଳଂ କୂଜିତଂ ସାରସାନାଂ
ପ୍ରତ୍ୟୂଷେଷୁ ସ୍ଫୁଟିତକମଳାମୋଦମୈତ୍ରୀକଷାୟଃ ।

---

ଧାରଣ କରିଅଛ, ତୁମ୍ଭେ ଯେତେବେଳେ ପ୍ରବାସରେ ଥିଲ ସେହି ସମୟରେ ଯେଉଁ ନଦୀ ବିରହିଣୀ ଅବସ୍ଥାରେ ତୁମ୍ଭର ସୌଭାଗ୍ୟ ପ୍ରକାଶ କରିଅଛି, ଯେଉଁଥିରେ ସେହି ନିର୍ବିନ୍ଧ୍ୟା ତରଙ୍ଗିଣୀର କ୍ଷୀଣତା ବିଦୂରିତ ହେବ, ସେ ବିଷୟରେ ଯତ୍ନବାନ୍ ହେବା ତୁମ୍ଭର ସର୍ବଥା କର୍ତ୍ତବ୍ୟ ।୩୦। ଯେଉଁ ସ୍ଥାନର ଗ୍ରାମବୃଦ୍ଧମାନେ ଉଦୟନ ନରପତିଙ୍କର ବାସବଦତ୍ତା ହରଣାଦି ଅତ୍ୟାଶ୍ଚର୍ଯ୍ୟ ଉପାଖ୍ୟାନ ବର୍ଣ୍ଣନ କରିବାରେ ଅଭିଜ୍ଞ, ତୁମ୍ଭେ ସେହି ଅବନ୍ତୀ ଦେଶରେ ପହୁଞ୍ଚି ପୂର୍ବୋକ୍ତ ସୌଭାଗ୍ୟମତୀ ଉଜ୍ଜୟିନୀକି ପ୍ରସ୍ଥାନ କରିବ । ସର୍ବପ୍ରଧାନ ଉଜ୍ଜୟିନୀ ରାଜଧାନୀ ଦର୍ଶନ କଲେ ବୋଧ ହେବ ଯେପରି, ସ୍ୱର୍ଗଲୋକବାସୀ ପୁଣ୍ୟଶୀଳମାନଙ୍କର ପୁଣ୍ୟଫଳ କ୍ଷୀଣ-ପ୍ରାୟ ହେଲେ ଯେତେବେଳେ ସେମାନେ ପୁନର୍ବାର ଅବନୀଧାମକୁ ଅବତୀର୍ଣ୍ଣ ହୁଅନ୍ତି, ତେତେବେଳେ ସେହି ସବୁ ମହାତ୍ମାମାନେ ଅବଶିଷ୍ଟ ପୁଣ୍ୟପ୍ରଭାବରେ ସ୍ୱର୍ଗଲୋକର ଖଣ୍ଡେ ସମୁଜ୍ଜ୍ୱଳ ସାରାଂଶ ସେଠାକୁ ଆଣି-ଅଛନ୍ତି ।୩୧। ଏହି ନଗରୀରେ ସକାଳେ ଯେଉଁ ମନ୍ଦ ମନ୍ଦ ବାୟୁ ପ୍ରବାହିତ ହୁଏ, ତାହା ବିକଶିତ କମଳବନ ପରିମଳର ସଂସର୍ଗରେ ଅପୂର୍ବ ସୁଗନ୍ଧ, ସୁଖସ୍ପର୍ଶ ଏବଂ ଶିପ୍ରାନଦୀର ବାରି ସଂସ୍ପର୍ଶରେ ସୁଶୀତଳ । ସେହି ବାୟୁ ସାରସମାନଙ୍କର ପ୍ରକାଶିତ ମଦକଳକୂଜିତ ବିସ୍ତାରିତ କରି

Digitized by srujanika@gmail.com

ଯତ୍ର ସ୍ତ୍ରୀଣାଂ ହରତି ସୁରତଗ୍ଲାନିମଙ୍ଗାନୁକୂଳଃ
ଶିପ୍ରାବାତଃ ପ୍ରିୟତମ ଇବ ପ୍ରାର୍ଥନାଚାଟୁକାରଃ । ୩୨ ।

ଜାଲୋଦ୍ଗୀର୍ଣ୍ଣୈରୁପଚିତବପୁଃ କେଶସଂସ୍କାରଧୂପୈ-
ର୍ବନ୍ଧୁପ୍ରୀତ୍ୟା ଭବନଶିଖିଭିର୍ଦତ୍ତନୃତ୍ୟୋପହାରଃ ।
ହର୍ମ୍ମ୍ୟେଷ୍ୱସ୍ୟାଃ କୁସୁମସୁରଭିଷ୍ୱଧ୍ୱଖେଦଂ ନୟେଥାଃ
ଲକ୍ଷ୍ମୀଂ ପଶ୍ୟନ୍ ଲଳିତବନିତାପାଦରାଗାଙ୍କିତେଷୁ । ୩୩ ।

ଭର୍ତ୍ତୁଃ କଣ୍ଠଚ୍ଛବିରିତି ଗଣୈଃ ସାଦରଂ ବୀକ୍ଷ୍ୟମାଣଃ
ପୁଣ୍ୟଂ ଯାୟାସ୍ତ୍ରିଭୁବନଗୁରୋର୍ଦ୍ଧାମ ଚଣ୍ଡୀଶ୍ୱରସ୍ୟ ।
ଧୂତୋଦ୍ୟାନଂ କୁବଳୟରଜୋଗନ୍ଧିଭିର୍ଗନ୍ଧବତ୍ୟା-
ସ୍ତୋୟକ୍ରୀଡ଼ାନିରତଯୁବତିସ୍ନାନତିକ୍ତୈର୍ମରୁଦ୍ଭିଃ । ୩୪ ।

---

ସୁଖ ଅଭିଳାଷରେ ପ୍ରିୟବାକ୍ ପ୍ରୟୋଗରେ ଦକ୍ଷ, ଶରୀର ସଂବାହନରେ ପ୍ରବୃତ୍ତ, ପ୍ରେମାସ୍ପଦ ନାୟକ ପରି କାମିନୀମାନଙ୍କର ସୁରତଗ୍ଲାନି ଅପନୟନ କରଥାଏ । ୩୨ । ହେ ଜଳଧର ! ତୁମ୍ଭେ ପରମରୂପବତୀ ଯୁବତୀମାନଙ୍କର ପଦତଳସ୍ଥିତ ଅଲକ୍ତ ରାଗରେ ରଞ୍ଜିତ, କୁସୁମଗନ୍ଧରେ ଆମୋଦିତ ପ୍ରାସାଦସମୂହରେ ଉପବେଶନ କରି ବିଶାଳା ନଗରୀର ସୌଭାଗ୍ୟ ଲକ୍ଷ୍ମୀ ସନ୍ଦର୍ଶନ କରୁ କରୁ ପଥଶ୍ରମ ଅପନୟନ କରିବ । ସେହି ସମୟରେ ଗବାକ୍ଷପଥବିନଃସୃତ କେଶ ସୁରଭୀକରଣ ଧୂପରେ ତୁମ୍ଭର କଳେବର ପରିପୁଷ୍ଟ ହେବ । ଗୃହରକ୍ଷିତ ମୟୂରମାନେ ସ୍ନେହତ୍ ପ୍ରଣୟର ବଶୀଭୂତ ହୋଇ ତୁମ୍ଭଙ୍କୁ ନୃତ୍ୟରୂପ ଉପହାର ଦେବେ ଏଥିରେ ସନ୍ଦେହ ନାହିଁ । ୩୩ । ହେ ବାରିଧର ! ତହିଁ ପରେ ତୁମ୍ଭେ ତ୍ରିଲୋକ ଗୁରୁ ଚଣ୍ଡେଶ୍ୱର ମହାଦେବଙ୍କର ମହାକାଳ ନାମକ ପବିତ୍ର ସ୍ଥାନକୁ ଯିବ । ଦେବଦେବ ନୀଳକଣ୍ଠଙ୍କର କଣ୍ଠ ପରି ବର୍ଣ୍ଣ ବୋଲି ପ୍ରମଥମାନେ ଆଦର ସହିତ ତୁମ୍ଭ ପ୍ରତି ନେତ୍ରପାତ କରିବେ । ଉଶୀର-ଚନ୍ଦନତୈଳାଦିଦ୍ୱାରା ସୁରଭୀକୃତ ପଦ୍ମପୁଷ୍ପର ପରାଗ ସଂସର୍ଗରେ ସୁଗନ୍-

Digitized by srujanika@gmail.com

ଅପ୍ୟନ୍ୟସ୍ମିନ୍ ଜଳଧର ମହାକାଳ ମାସାଦ୍ୟକାଲେ
ସ୍ଥାତବ୍ୟନ୍ତେ ନୟନବିଷୟଂ ଯାବଦତ୍ୟେତି ଭାନୁଃ ।
କୁର୍ବନ୍ ସନ୍ଧ୍ୟାବଳିପଟହତାଂ ଶୂଳିନଃ ଶ୍ଳାଘନୀୟା-
ମାମନ୍ଦ୍ରାଣାଂ ଫଳମବିକଳଂ ଲପ୍ସ୍ୟସେ ଗର୍ଜ୍ଜିତାନାଂ । ୩୫ ।

ପାଦନ୍ୟାସୈଃ କ୍ୱଣିତରସନାସ୍ତତ୍ର ଲୀଳାବଧୂତୈଃ
ରତ୍ନଚ୍ଛାୟାଖଚିତବଳିଭିଶ୍ଚାମରୈଃ କ୍ଲାନ୍ତହସ୍ତାଃ ।
ବେଶ୍ୟାସ୍ତ୍ୱତ୍ତୋ ନଖପଦସୁଖାନ୍ ପ୍ରାପ୍ୟ ବର୍ଷାଗ୍ରବିନ୍ଦୂ-
ନାମୋକ୍ଷ୍ୟନ୍ତେ ତ୍ୱୟି ମଧୁକରଶ୍ରେଣିଦୀର୍ଘାନ୍ କଟାକ୍ଷାନ୍ । ୩୬ ।

ପଶ୍ଚାଦୁଚ୍ଚୈର୍ଭୁଜତରୁବନଂ ମଣ୍ଡଳେନାଭିଲୀନଃ
ସାନ୍ଧ୍ୟଂ ତେଜଃ ପ୍ରତିନବଜବାପୁଷ୍ପରକ୍ତଂ ଦଧାନଃ ।

---

ବତୀ ନଦୀପୃଷ୍ଠ ସୁଶୀତଳ ବାୟୁଦ୍ୱାରା ସେହି ସ୍ଥାନର କାନନସମୂହ ସବୁବେଳେ କମ୍ପିତ ହେଉଥାଏ । ୩୪ । ହେ ଜଳଧର ! ଯେବେ ସନ୍ଧ୍ୟା ପୂର୍ବରୁ ତୁମ୍ଭେ ସେଠାରେ ଉପସ୍ଥିତ ହୁଅ, ତାହାହେଲେ ଯେତେବେଳ ପର୍ଯ୍ୟନ୍ତ ସୂର୍ଯ୍ୟ ଅସ୍ତ ନ ହୁଅନ୍ତି, ସେହି ସମୟ ପର୍ଯ୍ୟନ୍ତ ସେହି ସ୍ଥାନରେ ରହିବ; କାରଣ, ସାୟଂକାଳରେ ତୁମ୍ଭେ ଦେବାଦିଦେବ ପିନାକପାଣିଙ୍କର ଶ୍ଳାଘ୍ୟତମ ସନ୍ଧ୍ୟାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରି ଗମ୍ଭୀରଗର୍ଜ୍ଜନର ସମ୍ପୂର୍ଣ୍ଣ ଫଳ ଲାଭ କରିବ ସନ୍ଦେହ ନାହିଁ । ୩୫ । ପ୍ରତ୍ୟେକ ପଦନିକ୍ଷେପରେ ଯେଉଁମାନଙ୍କର କାଞ୍ଚୀଦାମ ଶ୍ରୁତିମଧୁର ଶବ୍ଦ କରୁଥାଏ, ଯାହାର ଦଣ୍ଡ କଙ୍କଣମଣିଦ୍ୱାରା ଖଚିତ, ତାଦୃଶ ବାଳବ୍ୟଜନ ଲୀଳାବିଳାସରେ ଆନ୍ଦୋଳନ କରି ମଧ୍ୟ ଯେଉଁମାନଙ୍କର କରକମଳ ବ୍ୟଥିତ ହୁଏ, ତାଦୃଶ ନର୍ତ୍ତକୀ ବାରବିଳାସିନୀମାନେ ତୁମ୍ଭଠାରୁ ପଦନଖସୁଖକର ପ୍ରଥମ ବର୍ଷା ସଲିଳକଣା ଲାଭ କରି ତୁମ୍ଭ ପ୍ରତି ମଧୁକର ପଂକ୍ତି ପରି ବିଶାଳ କଟାକ୍ଷ ବିସ୍ତାର କରୁଥିବେ । ୩୬ । ତଦନନ୍ତର ସନ୍ଧ୍ୟା ପୂଜା ପରେ ଯେତେବେଳେ ଭୂତନାଥଙ୍କର ନୃତ୍ୟାରମ୍ଭ ହେବ, ସେହି

Digitized by srujanika@gmail.com

ନୃତ୍ୟାରମ୍ଭେ ହର ପଶୁପତେରାର୍ଦ୍ର ନାଗାଜିନେଚ୍ଛାଂ
ଶାନ୍ତୋଦ୍ବେଗସ୍ତିମିତନୟନଂ ଦୃଷ୍ଟଭକ୍ତିର୍ଭବାନ୍ୟା । ୩୭ ।

ଗଚ୍ଛନ୍ତୀନାଂ ରମଣବସତିଂ ଯୋଷିତାଂ ତତ୍ର ନକ୍ତଂ
ରୁଦ୍ଧାଲୋକେ ନରପତିପଥେ ସୂଚିଭେଦ୍ୟୈସ୍ତମୋଭିଃ ।
ସୌଦାମିନ୍ୟା କନକନିକଷସ୍ନିଗ୍ଧୟା ଦର୍ଶୟୋର୍ବ୍ବୀଂ
ତୋୟୋତ୍ସର୍ଗସ୍ତନିତମୁଖରୋ ମାସ୍ମ ଭୂର୍ବ୍ବିକ୍ଳବାସ୍ତାଃ । ୩୮ ।

ତାଂ କସ୍ୟାଞ୍ଚିଦ୍ଭବନବଲଭୌ ସୁପ୍ତପାରାବତାୟାଂ
ନୀତ୍ୱା ରାତ୍ରିଂ ଚିରବିଲସନାତ୍ ଖିନ୍ନବିଦ୍ୟୁତ୍କଳତ୍ରଃ ।

---

ସମୟରେ ତୁମ୍ଭେ ପ୍ରତ୍ୟଗ୍ର ଜବାପୁଷ୍ପସନ୍ନିଭ ରକ୍ତବର୍ଣ୍ଣ ସନ୍ଧ୍ୟାରାଗ ଧାରଣ କରି ପ୍ରବୃଦ୍ଧର ଅଦ୍ଭୁତ ଭୁଜତରୁ କାନନକୁ ମଣ୍ଡଳାକାରରେ ସମାଚ୍ଛନ୍ନ କରି ତୁମ୍ଭର ପ୍ରତ୍ୟଗ୍ର ରକ୍ତାକ୍ତ ଆର୍ଦ୍ର ଗଜଚର୍ମ ପରିଗ୍ରହର ବାସନା ପରିପୂର୍ଣ୍ଣ କରିବ । ଅର୍ଥାତ୍ ତୁମ୍ଭେ ନାଗାଜିନସ୍ୱରୂପ ହେବ । ସେହି ସମୟରେ ଦେବୀ ତ୍ରିଲୋଚନା ଭବାନୀ ନିରୁଦ୍ବେଗରେ ସ୍ତିମିତଲୋଚନରେ ତୁମ୍ଭର ଭକ୍ତି ଦେଖିଥିବେ । ୩୭ । ପୋରଗୃହରେ ଉଜ୍ଜୟିନୀର ରାଜପଥ ସୂଚି-ଭେଦ୍ୟ ତିମିରଜାଲରେ ସମାଚ୍ଛାଦିତ ହେଲେ, ଯେତେବେଳେ ଅଭିସାରିକା ବିଳାସିନୀମାନେ ପ୍ରେମିକର ଗୃହକୁ ଯାତ୍ରା କରିବେ, ସେତେ-ବେଳେ ତୁମ୍ଭେ ନିକଷପାଷାଣାଙ୍କିତ କାଞ୍ଚନରେଖାପରି ସମୁଜ୍ଜ୍ୱଳ ବିଦ୍ୟୁଲ୍ଲତା ସହାୟରେ ସେମାନଙ୍କର ପଥ ଦେଖାଇ ଦେବ; କିନ୍ତୁ ସେ ସମୟରେ ସଲିଳ ବର୍ଷଣ ବା ଗର୍ଜନ କରିବ ନାହିଁ; କାରଣ ଅଭିସାରୋଦ୍ୟତା ରମଣୀ-ମାନଙ୍କର ହୃଦୟ ସ୍ୱଭାବତଃ ଏକାନ୍ତ ଭୀରୁ । ୩୮ । ହେ ପୟୋଧର,! ସୌଦାମିନୀ ତୁମ୍ଭର ପ୍ରିୟତମା । ତୁମ୍ଭେ ରାତ୍ରରେ ଅନେକ ବେଳ ପର୍ଯ୍ୟନ୍ତ ବିଳାସସମ୍ଭୋଗ କରି ନିତାନ୍ତ ଶ୍ରାନ୍ତ ହେବ ସନ୍ଦେହ ନାହିଁ; ସୁତରାଂ ସେଠାରେ କପୋତମାନେ ନିଦ୍ରିତ ଅଛନ୍ତି ତୁମ୍ଭେ ତାଦୃଶ କୌଣସି ରମ୍ୟ ଅଟ୍ଟାଳିକାର ଉପରଦେଶରେ ଯାମିନୀ ଅତିବାହିତ କରିବ ।

Digitized by srujanika@gmail.com

ଦୃଷ୍ଟେ ସୂର୍ଯ୍ୟେ ପୁନରପି ଭବାନ୍ ବାହୟେଦଧ୍ୱଶେଷଂ
ମନ୍ଦାୟନ୍ତେ ନ ଖଲୁ ସୁହୃଦାମଭ୍ୟୁପେତାର୍ଥକୃତ୍ୟାଃ । ୩୯ ।

ତସ୍ମିନ୍ କାଳେ ନୟନସଲିଳଂ ଯୋଷିତାଂ ଖଣ୍ଡିତାନାଂ
ଶାନ୍ତିଂ ନେୟଂ ପ୍ରଣୟିଭିରତୋ ବର୍ତ୍ମ ଭାନୋସ୍ତ୍ୟଜାଶୁ ।
ପ୍ରାଲେୟାସ୍ରଂ କମଳବଦନାତ୍ ସୋଽପି ହର୍ତ୍ତୁଂ ନଳିନ୍ୟାଃ
ପ୍ରତ୍ୟାବୃତ୍ତସ୍ତ୍ୱୟି କରରୁଧି ସ୍ୟାଦନଳ୍ପାଭ୍ୟସୂୟଃ । ୪୦ ।

ଗମ୍ଭୀରାୟାଃ ପୟସି ସରିତଶ୍ଚେତସୀବ ପ୍ରସନ୍ନେ
ଛାୟାତ୍ମାପି ପ୍ରକୃତିସୁଭଗୋ ଲପ୍ସ୍ୟତେ ତେ ପ୍ରବେଶଂ ।

---

ଯେତେବେଳେ ସୂର୍ଯ୍ୟୋଦୟ ହେବ ତୁମ୍ଭେ ଅବଶିଷ୍ଟ ପଥ ପର୍ଯ୍ୟଟନରେ ପ୍ରବୃତ୍ତ ହେବ । କାରଣ ଯେଉଁମାନେ ବନ୍ଧୁର ପ୍ରିୟକାର୍ଯ୍ୟ ସାଧନ ପାଇଁ ଦୃଢପ୍ରତିଜ୍ଞ ହୋଇ ତହିଁରେ ପ୍ରବୃତ୍ତ ହୁଅନ୍ତି, ସେମାନଙ୍କୁ କଦାଚ ଶିଥିଳ-ପ୍ରଯତ୍ନ ହେବାର ଦେଖାଯାଏ ନାହିଁ । ୩୯ । ହେ ନୀରଦ ! ସୂର୍ଯ୍ୟୋଦୟ ସମୟରେ ପ୍ରଣୟିମାନେ ଖଣ୍ଡିତା ନାୟିକାମାନଙ୍କର* ନୟନଜଳ ଅପନୋଦନ କରିବେ; ସୁତରାଂ ତୁମ୍ଭେ ସେହି ସମୟରେ ଭାସ୍କର ଦେବଙ୍କର ଗତିରୋଧ କରିବ ନାହିଁ । କାରଣ ଦିନମଣି ମଧ୍ୟ ପ୍ରିୟତମା ନଳିନୀର ମୁଖକମଳରୁ ହିମ ରୂପ ଅଶ୍ରୁଜଳ ବିଦୂରିତ କରିବା ପାଇଁ ପ୍ରତ୍ୟାଗତ ହେବେ । ସେ ସମୟରେ ତାହାଙ୍କ ପଥ ଅବରୁଦ୍ଧ କଲେ ତୁମ୍ଭପ୍ରତି ତାହାଙ୍କର କ୍ରୋଧ ଓ ଅସୂୟା ଜନ୍ମିବାର ନିଶ୍ଚୟ ସମ୍ଭବ ।୪୦।

---

* ନାୟକ ରାତ୍ରିରେ ଅନ୍ୟ ନାରୀ ସମ୍ଭୋଗ ପୂର୍ବକ ତଦ୍ଚିହ୍ନରେ ଚିହ୍ନିତ ହୋଇ ପ୍ରଭାତରେ ଉପସ୍ଥିତ ହେଲେ ତାଙ୍କୁ ଦେଖି ଯେଉଁ ନାୟିକା ଈର୍ଷାକ୍ଲେଶରେ ଅଭିଭୂତା ହୁଏ, ତାହାକୁ ଖଣ୍ଡିତାରମଣୀ କହନ୍ତି ।

Digitized by srujanika@gmail.com

ତସ୍ମାଦସ୍ୟାଃ କୁମୁଦବିଶଦାନ୍ୟର୍ହସି ତ୍ୱଂ ନ ଧୈର୍ଯ୍ୟା—
ନ୍ମୋଘୀକର୍ତ୍ତୁଂ ଚଟୁଲଶଫରୋଦ୍ୱର୍ତ୍ତନପ୍ରେକ୍ଷିତାନି । ୪୧ ।
ତସ୍ୟାଃ କିଞ୍ଚିତ୍ କରଧୃତମିବ ପ୍ରାପ୍ତବାନୀରଶାଖଂ
ନୀତ୍ୱା ନୀଳଂ ସଲିଳବସନଂ ମୁକ୍ତରୋଧୋ ନିତମ୍ବଂ ।
ପ୍ରସ୍ଥାନଂ ତେ କଥମପି ସଖେ ଲମ୍ବମାନସ୍ୟ ଭାବି
ଜ୍ଞାତାସ୍ୱାଦୋ ବିବୃତଜଘନାଂ କୋ ବିହାତୁଂ ସମର୍ଥଃ । ୪୨ ।
ତ୍ୱନ୍ନିଷ୍ୟନ୍ଦୋଚ୍ଛ୍ୱସିତବସୁଧାଗନ୍ଧସମ୍ପର୍କରମ୍ୟଃ
ସ୍ରୋତୋରନ୍ଧ୍ରଧ୍ୱନିତସୁଭଗଂ ଦନ୍ତିଭିଃ ପୀୟମାନଃ ।

---

ହେ ବାରଦ ! ତୁମ୍ଭର ସ୍ୱଚ୍ଛବସୁନ୍ଦର ମୂର୍ତ୍ତି ଗମ୍ଭୀରାନାମ୍ନୀ ତରଙ୍ଗିଣୀର ବିମଳ ଚିତ୍ତ ରୂପ ନିର୍ମଳହୃଦୟରେ ପ୍ରତିବିମ୍ବଚ୍ଛଳରେ ପ୍ରବେଶ କରିବ ସନ୍ଦେହ ନାହିଁ । ସୁତରାଂ ଅନୁରାଗିଣୀ ସକାମା ସେହି ନଦୀର କୁମୁଦବତ୍ ବିଶଦ ଓ ଚପଳ ଶଫରୀର ଉଦ୍ଦର୍ତ୍ତନ ରୂପ ଅବଲୋକନ ବିଫଳ କରି ଧୈର୍ଯ୍ୟସହକାରେ ପ୍ରତ୍ୟାଖ୍ୟାନ କରିବା ତୁମ୍ଭର ନିତାନ୍ତ ଅକର୍ତ୍ତବ୍ୟ । ୪୧ । ହେ ନୀରଦ ! ତୁମ୍ଭେ ସେହି ଗମ୍ଭୀରାର ବିମଳ-ଜଳ-ରୂପ ନୀଳବସ୍ତ୍ର ହରଣ କରିବ । ବେତସ ଶାଖା ସଲିଳରେ ସ୍ପର୍ଶ କରିବାରୁ ବୋଧ ହେବ ଯେପରି ତରଙ୍ଗିଣୀ ଲଜ୍ଜା ହେତୁରୁ ସେହି ସ୍ଖଳିତ ନିତମ୍ବ-ଯୁକ୍ତ ବସନ ହସ୍ତଦ୍ୱାରା କିଞ୍ଚିତ୍ ମାତ୍ର ଧାରଣ କରି ରହିଅଛି । ଯେବେ ତୁମ୍ଭେ ଥରେ ମାତ୍ର ସେହି ସର୍ବାଙ୍ଗସୁନ୍ଦରୀର ଜଘନ ଭାଗରେ ଲମ୍ବିତ ହୁଅ, ତାହାହେଲେ ତୁମ୍ଭଙ୍କୁ ଅତି କ୍ଳେଶରେ ସେଠାରୁ ପ୍ରତିଗମନ କରିବାକୁ ହେବ । କାରଣ, ଥରେ ମାତ୍ର ଆସ୍ୱାଦପ୍ରାପ୍ତ ହେଲେ କେଉଁ ପୁରୁଷ ବିସ୍ତାରିତ ଜଘନା ତାଦୃଶୀ ସୁନ୍ଦରୀଙ୍କ ପରିହାର କରି ସ୍ଥାନାନ୍ତରକୁ ଗମନ କରିବା ପାଇଁ ସମର୍ଥ ହେବ ? ।୪୨। ହେ ପ୍ରିୟତମେ ! ତତ୍ପରେ ତୁମ୍ଭେ ଦେବଗିରି ନାମକ ପର୍ବତଶ୍ରେଷ୍ଠର ଅଭ୍ୟାଗତ ହେଲେ ତୁମ୍ଭର

Digitized by srujanika@gmail.com

ନୀଚୈର୍ବାସ୍ୟତ୍ୟୁପଜିଗମିଷୋର୍ଦ୍ଦେବପୂର୍ବ୍ବଂ ଗିରିଂ ତେ
ଶୀତୋ ବାୟୁଃ ପରିଣମୟିତା କାନନୋଦୁମ୍ବରାଣାଂ । ୪୩ ।

ତତ୍ର ସ୍କନ୍ଦଂ ନିୟତବସତିଂ ପୁଷ୍ପମେଘୀକୃତାତ୍ମା
ପୁଷ୍ପାସାରୈଃ ସ୍ନପୟତୁ ଭବାନ୍ ବ୍ୟୋମଗଙ୍ଗାଜଳାର୍ଦ୍ରୈଃ ।
ରକ୍ଷାହେତୋର୍ନବଶଶିଭୃତା ବାସବୀନାଂ ଚମୂନା—
ମତ୍ୟାଦିତ୍ୟଂ ହୁତବହମୁଖେ ସମ୍ଭୃତଂ ତଦ୍ଧି ତେଜଃ । ୪୪ ।

ଜ୍ୟୋତିର୍ଲେଖାବଳୟି ଗଳିତଂ ଯସ୍ୟ ବର୍ହଂ ଭବାନୀ
ପୁତ୍ରପ୍ରେମ୍ଣା କୁବଳୟଦଳପ୍ରାପି କର୍ଣ୍ଣେ କରୋତି ।
ଧୌତାପାଙ୍ଗଂ ହରଶଶିରୁଚା ପାବକେସ୍ତଂ ମୟୂରଂ
ପଶ୍ଚାଦଦ୍ରି ଗ୍ରହଣଗୁରୁଭିର୍ଗର୍ଜ୍ଜିତୈର୍ନର୍ତ୍ତୟେଥାଃ । ୪୫ ।

---

ବର୍ଷଣ ହେତୁରୁ ଉଚ୍ଛ୍ୱାସିତ ପୃଥିବୀର ଗନ୍ଧ ସଂସ୍ପର୍ଶରେ ସୁରଭି ଏବଂ ବାରଣମାନଙ୍କ କର୍ତ୍ତୃକ ନାସିକା ବନ୍ଧଦ୍ୱାରା ଶ୍ରୁତିମଧୁର ଶବ୍ଦ ସହକାରେ ଆଘ୍ରାୟମାଣ ବନ୍ୟ ଉଦୁମ୍ବର ଜାଳର ପକ୍ୱତା ସମ୍ପାଦକ ଶୀତଳ ପବନ ତୁମ୍ଭର ସେବା କରୁଥିବ । ୪୩ । ସେହି ଦେବଗିରିରେ ମହେଶନନ୍ଦନ ଷଡ଼ାନନ ସର୍ବଦା ଅବସ୍ଥିତି କରନ୍ତି । ତୁମ୍ଭେ କାମରୂପୀ, ଅତଏବ ସେଠାରେ କୁସୁମ ମେଘ ରୂପ ପରିଗ୍ରହ କରି ମନ୍ଦାକିନୀ-ଜଳାସିକ୍ତ ପୁଷ୍ପରାଜି ବର୍ଷଣଦ୍ୱାରା ସେହି ପାର୍ବତୀନନ୍ଦନଙ୍କୁ ଅଭିଷିକ୍ତ କରିବାରେ ତ୍ରୁଟି କରିବ ନାହିଁ । ଦେବଦେବ ଭୂତପତି ଇନ୍ଦ୍ରଙ୍କ ସୈନ୍ୟ-ମାନଙ୍କୁ ରକ୍ଷା କରିବା ପାଇଁ ଆଦିତ୍ୟ ଅପେକ୍ଷା ମଧ୍ୟ ଶ୍ରେଷ୍ଠ ଯେଉଁ ତେଜ ତାଙ୍କୁ ଅନଳ ମୁଖରେ ନିହିତ କରିଥିଲେ, ସେହି ତେଜରୁ ଏହି ମହାତେଜସ୍ୱୀ କାର୍ତ୍ତିକେୟ ଜନ୍ମଗ୍ରହଣ କରିଅଛନ୍ତି । ୪୪ । ହେ ସଖେ! ତୁମ୍ଭେ ଏହିପରି କୁସୁମ ବୃଷ୍ଟି କଲେ ଭଗବତୀ ଦେବୀ ପାର୍ବତୀ ସୁତସ୍ନେହ-ନିବନ୍ଧନ ଯାହାର ଜ୍ୟୋତିର୍ମଣ୍ଡଳମଣ୍ଡିତ ସ୍ୱୟଂ ସ୍ଖଳିତ ପୁଚ୍ଛପଂକ୍ତି କର୍ଣ୍ଣ-ଯୁଗଳର କୁବଳୟଧାରଣ ସ୍ଥାନରେ ଧାରଣ କରିଥାନ୍ତି । ଯାହାର

Digitized by srujanika@gmail.com

ଆରାଧ୍ୟୈନଂ ଶରବଣଭବଂ ଦେବମୁଲ୍ଲଙ୍ଘିତାଧ୍ୱା
ସିଦ୍ଧଦ୍ୱନ୍ଦ୍ୱୈର୍ଜଲକଣଭୟାଦ୍ୱୀଣିଭିର୍ମୁକ୍ତମାର୍ଗଃ ।
ବ୍ୟାଲମ୍ବେଥାଃ ସୁରଭିତନୟାଲମ୍ଭଜାଂ ମାନୟିଷ୍ୟନ୍
ସ୍ରୋତୋମୂର୍ତ୍ତ୍ୟା ଭୁବି ପରିଣତାଂ ରନ୍ତିଦେବସ୍ୟ କୀର୍ତ୍ତିଂ ।୪୬।
ତ୍ୱୟ୍ୟା ଦାତୁଂ ଜଲମବନତେ ଶାର୍ଙ୍ଗିଣୋ ବର୍ଣ୍ଣଚୌରେ
ତସ୍ୟାଃ ସିନ୍ଧୋଃ ପୃଥୁମପି ତନୁଂ ଦୂରଭାବାତ୍ ପ୍ରବାହଂ ।
ପ୍ରେକ୍ଷିଷ୍ୟନ୍ତେ ଗଗନଗତୟୋ ଦୂରମାବର୍ଜ୍ଜ୍ୟ ଦୃଷ୍ଟୀ
ରେକଂ ମୁକ୍ତାଗୁଣମିବ ଭୁବଃ ସ୍ଥୂଲମଧ୍ୟେନ୍ଦ୍ରନୀଲଂ ।୪୭।

---

ଶୁଭ୍ର ବର୍ଣ୍ଣ ତ୍ରୟମ୍ବକ ଶିବ ଶିରସ୍ଥ ଶଶାଙ୍କକଳାଦ୍ୱାରା ଯୌତ ହେବାରୁ ଅଧିକତର ଶ୍ୱେତ ବର୍ଣ୍ଣ ହୋଇଅଛି, ଷଡ଼ାନନଙ୍କ ସେହି ମୟୂରକୁ ଗିରି ଗୁହାରେ ପ୍ରତିଧ୍ୱନିତ ଗୁରୁତର ଗର୍ଜ୍ଜନଦ୍ୱାରା ନୃତ୍ୟ କରାଇବ । ୪୫ । ହେ ମେଘ ! ତୁମ୍ଭେ ଏହିପରି ଶରକାନନସମ୍ଭବ ଷଡାନନଦେବଙ୍କୁ ଉପାସନା କରି କିଞ୍ଚିତ ଦୂର ଗମନ କରିବ । ସେହି ସବୁ ସିଦ୍ଧଦମ୍ପତି ବୀଣା ବାଦନ କରି କାର୍ତ୍ତିକେୟଙ୍କର ଆରାଧନା କରିବାକୁ ଉପସ୍ଥିତ ହେବେ, ଯେବେ ବୀଣାରେ ସଲିଳ ବର୍ଷଣ ହୁଏ, ଏ ଭୟରେ, ସେମାନେ ଶୀଘ୍ର ତୁମ୍ଭଙ୍କୁ ପଥ ଛାଡ଼ି ଦେବେ । ତହିଁରେ ତୁମ୍ଭେ ଧରା ତଳରେ ସ୍ରୋତରୂପେ ପରିଣତ ନରପତି ରନ୍ତିଦେବଙ୍କର ଗୋମେଧ-ଯଜ୍ଞଜାତ କୀର୍ତ୍ତିସ୍ୱରୂପିଣୀ ଚର୍ମ୍ମଣ୍ୱତୀ ନାମ୍ନୀ ତରଙ୍ଗିଣୀର ସମ୍ମାନନା ବର୍ଦ୍ଧନ କରି ତହିଁରେ ଅବତୀର୍ଣ୍ଣ ହେବ । ୪୬ । ହେ ଜଳଦ ! ତୁମ୍ଭର ବର୍ଣ୍ଣ କୃଷ୍ଣଙ୍କ ପରି ଶ୍ୟାମଳ, ତୁମ୍ଭେ ଯେତେବେଳେ ଜଳ ଗ୍ରହଣ କରିବାକୁ ଚର୍ମ୍ମଣ୍ୱତୀରେ ଅବତରଣ କରିବ, ସେତେବେଳେ ଯେବେ ଏହା ନଦୀର ପ୍ରବାହ ବିସ୍ତୀର୍ଣ୍ଣ, ତଥାପି ଦୂରରୁ ତାହା ସୂକ୍ଷ୍ମ ବୋଲି ବୋଧ ହେବ ସନ୍ଦେହ ନାହିଁ, ସେହି ସମୟରେ ଗଗନଚାରୀ ଦେବତା, ଦୈତ୍ୟ ପ୍ରଭୃତି ସମସ୍ତେ ଦୂରରୁ ନେତ୍ରପାତ କରି ଦେଖିବେ ଯେପର

Digitized by srujanika@gmail.com

ତାମୁତ୍ତୀର୍ଯ୍ୟ ବ୍ରଜ ପରିଚିତଭ୍ରୂଲତା ବିଭ୍ରମାଣାଂ
ପକ୍ଷ୍ମୋତ୍କ୍ଷେପାଦୁପରିବିଲସତ୍କୃଷ୍ଣସାର ପ୍ରଭାଣାଂ ।
କୁନ୍ଦକ୍ଷେପାନୁଗମଧୁକର ଶ୍ରୀମୁଷାମାତ୍ମବିମ୍ବଂ
ପାତ୍ରୀକୁର୍ବନ୍ ଦଶପୁରବଧୂ ନେତ୍ରକୌତୂହଳାନାଂ । ୪୮ ।
ବ୍ରହ୍ମାବର୍ତ୍ତଂ ଜନପଦମଥ ଚ୍ଛାୟୟା ଗାହମାନଃ
କ୍ଷେତ୍ରଂ କ୍ଷତ୍ରପ୍ରଧନପିଶୁନଂ କୌରବଂ ତଦ୍ଭଜେଥାଃ ।
ରାଜନ୍ୟାନାଂ ଶିତଶରଶତୈର୍ଯତ୍ର ଗାଣ୍ଡୀବଧନ୍ୱା
ଧାରାପାତୈସ୍ତ୍ୱମିବ କମଳାନ୍ୟଭ୍ୟବର୍ଷନ୍ମୁଖାନି । ୪୯ ।
ହିତ୍ୱା ହାଳାମଭିମତରସାଂ ରେବତୀଲୋଚନାଙ୍କାଂ
ବନ୍ଧୁପ୍ରୀତ୍ୟା ସମରବିମୁଖୋ ଲାଙ୍ଗଳୀ ଯାଃ ସିଷେବେ ।

---

ବସୁମତୀର ଏକତାଭ ମୁକ୍ତାମାଳା ମଧ୍ୟରେ ଗୋଟିଏ ସ୍ଥୂଳତର ଇନ୍ଦ୍ରନୀଳମଣି ବିରାଜିତ ରହିଅଛି । ୪୭ । ତଦନ୍ତଂ ପରେ ତୁମ୍ଭେ ଚର୍ମଣ୍ୱତୀ ପାର ହୋଇ ରନ୍ତିଦେବଙ୍କର ଦଶପୁର ନାମକ ନଗରରେ ଉପସ୍ଥିତ ହେବ । ଦଶପୁରବାସିନୀ ମହିଳାମାନେ କୌତୂହଳର ବଶବର୍ତ୍ତୀ ହୋଇ ତୁମ୍ଭଙ୍କୁ ଦର୍ଶନ କରୁଥିବେ । ସେମାନଙ୍କର ପରିଚିତ ଭ୍ରୂଲତା ବିଭ୍ରମ ପ୍ରକଟୀଭୂତ ହେବ, ସେମାନଙ୍କର ନେତ୍ରପକ୍ଷ୍ମ ସମୁତ୍କ୍ଷିପ୍ତ ହେବାରୁ କୃଷ୍ଣସାର ପ୍ରଭା ଉପରିଭାଗରେ ପରିଶୋଭିତ ହେବ; ସେହି ସମୟରେ ଅନୁମାନ ହେବ ଯେପରି ଭ୍ରମରପଂକ୍ତି ସମୁତ୍କ୍ଷିପ୍ତ କୁନ୍ଦ କୁସୁମର ଅନୁଗାମୀ ହେଉଅଛି । ୪୮ । ହେ ଘନ ! ପରେ ତୁମ୍ଭେ ଛାୟାଦ୍ୱାରା ବ୍ରହ୍ମାବର୍ତ୍ତ ନାମକ ପ୍ରଦେଶରେ ଅବତରଣ କରି କୁରୁକ୍ଷେତ୍ରରେ ସମୁପସ୍ଥିତ ହେବ । ସେହି ସ୍ଥାନରେ କ୍ଷତ୍ରିୟକୁଳ ନିର୍ମୂଳ ପ୍ରାୟ ହୋଇଥିଲା । ତୁମ୍ଭେ ଯେଉଁପରି କମଳ ଉପରେ ସଲିଳଧାରା ବର୍ଷଣ କର, ପାଣ୍ଡୁନନ୍ଦନ ପାର୍ଥ ମଧ୍ୟ ସେହିପରି ସେଠାରେ କ୍ଷତ୍ରିୟ ନୃପତିମାନଙ୍କର ବଦନକମଳରେ ଶତ ଶତ ଶାଣିତ ଶରଜାଳ ବର୍ଷଣ କରିଥିଲେ । ୪୯ । ସେହି ସମୟରେ ବଳରାମ କୁରୁ ପାଣ୍ଡବଙ୍କ ପ୍ରତି ସ୍ନେହବଶରୁ ରଣରେ

Digitized by srujanika@gmail.com

କୃତ୍ୱା ତାସାମଧିଗମମପାଂ ସୌମ୍ୟ ସାରସ୍ୱତୀନାଂ
ଅନ୍ତଃଶୁଦ୍ଧସ୍ତ୍ୱମପି ଭବିତା ବର୍ଣ୍ଣମାତ୍ରେଣ କୃଷ୍ଣଃ । ୫୦ ।
ତସ୍ମାଦ୍ଗଚ୍ଛେରନୁ କନଖଲଂ ଶୈଳରାଜାବତୀର୍ଣ୍ଣାଂ
ଜହ୍ନୋଃ କନ୍ୟାଂ ସଗରତନୟସ୍ୱର୍ଗସୋପାନପଂକ୍ତିଂ ।
ଗୌରୀବକ୍ତ୍ର ଭ୍ରୂକୁଟିରଚନାଂ ଯା ବିହସ୍ୟେବ ଫେନୈଃ
ଶମ୍ଭୋଃ କେଶଗ୍ରହଣମକରୋଦିନ୍ଦୁଲଗ୍ନୋର୍ମ୍ମିହସ୍ତା । ୫୧ ।
ତସ୍ୟାଃ ପାତୁଂ ସୁରଗଜ ଇବ ବ୍ୟୋମ୍ନି ପଶ୍ଚାର୍ଦ୍ଧଲମ୍ବୀ
ତ୍ୱଞ୍ଚେଦଚ୍ଛସ୍ଫଟିକବିଶଦଂ ତର୍କୟେସ୍ତିର୍ଯ୍ୟଗମ୍ଭଃ ।

---

ପରାଙ୍ମୁଖ ହୋଇ ରେବତୀନୟନ ପ୍ରତିବିମ୍ବ-ମଣ୍ଡିତ ପ୍ରିୟତମା ହାଲା ମଦିରା ପରିହାର କରି ସେହି ସରସ୍ୱତୀର ଜଳ ପାନ କରିଥିଲେ, ତୁମ୍ଭେ ସେହି ଜଳ ଗ୍ରହଣ କରି ଯେବେ ଅବା କୃଷ୍ଣ ବର୍ଣ୍ଣ ଅଛ, ତଥାପି ତୁମ୍ଭର ଅନ୍ତର ପରମନିର୍ମଳତା ଧାରଣ କରିବ ।୫୦। ହେ ପୟୋଧର ! ତତ୍ପରେ ତୁମ୍ଭେ କୁରୁକ୍ଷେତ୍ର ପରିତ୍ୟାଗ କରି କନଖଲ ନାମକ ଗିରିପାଦ ସମୀପକୁ ସମାଗତ ହେବ । ଯେ ତ ସଗରସନ୍ତାନମାନଙ୍କର ସ୍ୱର୍ଗଗମନର ସୋପାନଶ୍ରେଣୀସ୍ୱରୂପା, ସେହି ଜହ୍ନୁନନ୍ଦିନୀ ଭାଗୀରଥୀ ଏହି ସ୍ଥାନରେ ଧରାତଳରେ ଅବତୀର୍ଣ୍ଣ ହୋଇଥିଲେ । ପ୍ରୌଢ଼ାରମଣୀ ଯେପରି ସପତ୍ନୀ-ଭାବ ସହ୍ୟ କରି ପାରେ ନାହିଁ, ସେହିପରି ଏହି ଜାହ୍ନବୀ ମଧ୍ୟ ଫେନରାଶି ରୂପ ହାସ୍ୟଦ୍ୱାରା ଭଗବତୀ ପାର୍ବତୀଙ୍କର ଭ୍ରୂକୁଟୀ ରଚନା ଅବଜ୍ଞା କରି ମସ୍ତକାଧିଭୂଷଣ ଶଶିରେଖା ଉପରେ ଊର୍ମ୍ମି ରୂପ କର ପ୍ରଦାନ କରି ଦେବ ଦେବ ପଶୁପତିଙ୍କର କେଶ ଧାରଣ କରିଅଛନ୍ତି । ୫୧ । ହେ ବଳାହକ ! ତୁମ୍ଭେ ଯେତେବେଳେ ସେହି ଜାହ୍ନବୀର ବିମଳ ସ୍ଫଟିକବତ୍ ଶୁଭ୍ର ବର୍ଣ୍ଣ ସଲିଳପାନାର୍ଥ ଦିଗ୍ଗଜବତ୍ ଶୂନ୍ୟମାର୍ଗରେ ପଶ୍ଚାଭାଗାର୍ଦ୍ଧ ସଂସ୍ଥାପନ କରି ପୂର୍ବାର୍ଦ୍ଧଭାଗ ସହାୟରେ ଲମ୍ବିତ ହେବାରୁ ସମୁଦ୍ୟତ ହେବ, ସେତେବେଳେ ତୁମ୍ଭର ସ୍ୱଚ୍ଛ-ସ୍ରୋତ ଅଭ୍ୟନ୍ତରରେ ସଂକ୍ରମିତ ହେଲେ

Digitized by srujanika@gmail.com

ସଂସର୍ପନ୍ତ୍ୟା ସପଦି ଭବତଃ ସ୍ରୋତସି ଛାୟୟାସୌ
ସ୍ୟାଦସ୍ଥାନୋପଗତଯମୁନାସଙ୍ଗମେବାଭିରାମା । ୫୨ ।
ଆସୀନାନାଂ ସୁରଭିତଶିଳଂ ନାଭିଗନ୍ଧୈର୍ମୃଗାଣାଂ
ତସ୍ୟା ଏବ ପ୍ରଭବମଚଳଂ ପ୍ରାପ୍ୟ ଗୌରଂ ତୁଷାରୈଃ ।
ବକ୍ଷ୍ୟସ୍ୟଧ୍ୱଶ୍ରମବିନୟନେ ତସ୍ୟ ଶୃଙ୍ଗେ ନିଷଣ୍ଣଃ
ଶୋଭାଂ ଶୁଭ୍ରତ୍ରିନୟନବୃଷୋତ୍ଖାତପଙ୍କୋପମେୟାଂ । ୫୩ ।
ତଚ୍ଚେଦ୍ୱାୟୌ ସରତି ସରଳସ୍କନ୍ଧସଂଘଟ୍ଟଜନ୍ମା
ବାଧେତୋଲ୍କାକ୍ଷପିତଚମରୀବାଳଭାରୋ ଦବାଗ୍ନିଃ ।
ଅର୍ହସ୍ୟେନଂ ଶମୟିତୁମଳଂ ବାରିଧାରାସହସ୍ରୈ-
ରାପନ୍ନାର୍ତ୍ତିପ୍ରଶମନଫଳାଃ ସମ୍ପଦୋ ହ୍ୟୁତ୍ତମାନାଂ । ୫୪ ।

---

ଅଯଥା ସ୍ଥଳରେ ଗଙ୍ଗା ଯମୁନା ସଂଯୋଗ ପରି ମନୋହର ଦର୍ଶନ ହେବ ସନ୍ଦେହ ନାହିଁ । ୫୨ । ତତ୍ପରେ ତୁମ୍ଭେ ସେହି ଜାହ୍ନବୀର ଉତ୍ପତ୍ତିସ୍ଥଳ ହିମାଚଳକୁ ସମାଗତ ହେବ । ସେହି ଗିରିବର ହିମସଂପାତରୁ ଅତୀବ ଗୌରବର୍ଣ୍ଣ । ସେଠାରେ ଦେଖିବ, କସ୍ତୁରୀନାଭି ମୃଗଗଣ ପାଷାଣତଳେ ଉପବେଶନ କରିବାରୁ ସେମାନଙ୍କର ନାଭି ଗନ୍ଧରେ ଶିଳା ସବୁ ସୁଗନ୍ଧ-ପୂର୍ଣ୍ଣ ହୋଇଅଛି । ତୁମ୍ଭେ ପଥଶ୍ରମ ଅପନୋଦନ ପାଇଁ ସେହି ଗିରିବରର ଶିଖରଦେଶରେ ଉପବେଶନ କଲେ ଶ୍ୱେତ ବର୍ଣ୍ଣ ଶିବବୃଷର ଉତ୍ଖାତ କର୍ଦ୍ଦମ ଶୃଙ୍ଗ ପରି ଶୋଭା ଧାରଣ କରିବ । ୫୩ । ହେ ବାରିବାହ ! ଯେତେବେଳେ ତୁମ୍ଭେ ହିମାଚଳରେ ଉପସ୍ଥିତ ହେବ, ସେହି ସମୟରେ ଯେବେ ବାୟୁ ପ୍ରବାହିତ ହୁଏ ଆଉ ଦେବଦାରୁ ବୃକ୍ଷର ସ୍କନ୍ଧ ଘର୍ଷଣରୁ ଦାବାଗ୍ନି ସମୁତ୍ପନ୍ନ ହୋଇ ସ୍ଫୁଲିଙ୍ଗ ସମ୍ପାତରେ ଚମରୀମାନଙ୍କ ପୁଚ୍ଛସ୍ଥ କେଶଜାଳ ଦଗ୍ଧ କରି ଗିରିବରକୁ ପ୍ରପୀଡ଼ିତ କରେ, ତାହାହେଲେ ତୁମ୍ଭେ ଅବିଶ୍ରାମ ବାରିଧାରା ବର୍ଷଣ କରି ତାହା ନିର୍ବାଣ କରି ଦେବ, କାରଣ, ବିପନ୍ନ ବ୍ୟକ୍ତିର ବିପଦ ନିବାରଣ କରିବା ଉନ୍ନତମନା ମହାତ୍ମାମାନଙ୍କର ସମ୍ପଦର ଏକମାତ୍ର ଫଳ । ୫୪ । ହେ ପୟୋଧର ! ହିମାଚଳର

Digitized by srujanika@gmail.com

ଯେ ସଂରମ୍ଭୋତ୍ପତନରଭସାଃ ସ୍ୱାଙ୍ଗଭଙ୍ଗାୟ ତସ୍ମିନ୍
ମୁକ୍ତାଧ୍ୱାନଂ ସପଦି ଶରଭେ ଲଙ୍ଘୟେୟୁର୍ଭବନ୍ତଂ ।
ତାନ୍ କୁର୍ବୀଥାସ୍ତୁମୁଳକରକାବୃଷ୍ଟିପାତାବକୀର୍ଣ୍ଣାନ୍
କେ ବା ନ ସ୍ୟୁଃ ପରିଭବପଦଂ ନିଷ୍ଫଳାରମ୍ଭୟତ୍ନାଃ । ୫୫ ।
ତତ୍ର ବ୍ୟକ୍ତଂ ଦୃଷଦି ଚରଣନ୍ୟାସମର୍ଦ୍ଧେନ୍ଦୁମୌଳେଃ
ଶଶ୍ୱତ୍ ସିଦ୍ଧୈରୁପଚିତବଳିଂ ଭକ୍ତିନମ୍ରଃ ପରୀୟାଃ ।
ଯସ୍ମିନ୍ ଦୃଷ୍ଟେ କରଣବିଗମାଦୂର୍ଦ୍ଧ୍ୱମୁଦ୍ଧୂତପାପାଃ
ସଙ୍କଳ୍ପନ୍ତେ ସ୍ଥିରଗଣପଦପ୍ରାପ୍ତୟେ ଶ୍ରଦ୍ଦଧାନାଃ । ୫୬ ।

---

ସରଭଦେଶରେ ଯେଉଁ ସବୁ ମହାବଳାକାନ୍ତ ଅଷ୍ଟାପଦ ମୃଗ ଅବସ୍ଥିତି କରନ୍ତି, ସେମାନେ ତୁମ୍ଭ ଗର୍ଜ୍ଜନରେ ଅସହିଷ୍ଣୁ ହେଲେ ତୁମ୍ଭେ ସେମାନଙ୍କୁ ପଥ ଛାଡ଼ି ଦେବ; କିନ୍ତୁ ତଥାପି ସେମାନେ କ୍ରୋଧବଶରେ ଯେବେ ସ୍ୱୀୟ ଅଙ୍ଗପ୍ରତ୍ୟଙ୍ଗାଦି ଭଙ୍ଗ କରିବା ପାଇଁ ଉତ୍ପତନକୁ ସାହସ କରି ଲମ୍ଫପ୍ରଦାନପୂର୍ବକ ତୁମ୍ଭଙ୍କୁ ଲଙ୍ଘନ କରନ୍ତି, ତାହାହେଲେ ତୁମ୍ଭେ ସେମାନଙ୍କ ଦେହୋପରି ପ୍ରଚୁର ଶିଳା ବର୍ଷଣ କରିବ । କାରଣ, ଯେଉଁମାନେ କାର୍ଯ୍ୟ କରିବା ପୂର୍ବରୁ ପରିଣାମ ବିବେଚନା ନ କରନ୍ତି, ଯେଉଁମାନଙ୍କର ଯତ୍ନ ବିଫଳ ଓ ଉଦ୍ୟୋଗ ବୃଥା ହୁଏ, ସେପରି କେଉଁ ଲୋକ ପରାଜିତ ଓ ତିରସ୍କୃତ ହୋଇ ନ ଥାଏ ? । ୫୫ । ହେ ଜଳଧର । ସେହି ଅଚଳରାଜରେ ଖଣ୍ଡେ ପଥର ଉପରେ ଦେବଦେବ ଶୂଳପାଣିଙ୍କର ପଦଚିହ୍ନ ସ୍ପଷ୍ଟରୂପେ ପ୍ରକାଶିତ ରହିଅଛି । ସିଦ୍ଧପୁରୁଷମାନେ ସବୁବେଳେ ତାହାର ଅର୍ଚ୍ଚନାଦି କରିଆନ୍ତି । ତୁମ୍ଭେ ସେଠାରେ ଉପସ୍ଥିତ ହୋଇ ଭକ୍ତିସହିତ ଅବନତମସ୍ତକରେ ସେହି ଶିବ ପଦଚିହ୍ନ ପ୍ରଦକ୍ଷିଣ କରିବ । ଯେଉଁମାନେ ଭକ୍ତିଶ୍ରଦ୍ଧାନ୍ୱିତ ହୋଇ ସେହି ଶମ୍ଭୁଙ୍କର ପଦଚିହ୍ନ ଦର୍ଶନ କରନ୍ତି, ସେମାନେ ପାତକରୁ ବିମୁକ୍ତ ହୋଇ ଶୂଳଦେହ ପରିହାର ପୂର୍ବକ ନିତ୍ୟ ପ୍ରମଥ ପଦ ଲାଭ କରନ୍ତି ଏଥିରେ ସନ୍ଦେହ ନାହିଁ ।୫୬। ହେ ପୟୋଦ ! ସେହି ସ୍ଥାନରେ

Digitized by srujanika@gmail.com

ଶବ୍ଦାୟନ୍ତେ ମଧୁରମନିଳୈଃ କୀଚକାଃ ପୂର୍ଯ୍ୟମାଣାଃ
ସଂସକ୍ତାଭିସ୍ତ୍ରିପୁରବିଜୟୋ ଗୀୟତେ କିନ୍ନରୀଭିଃ ।
ନିର୍ହ୍ରାଦସ୍ତେ ମୁରଜ ଇବ ଚେତ୍ କନ୍ଦରେଷୁ ଧ୍ୱନିଃ ସ୍ୟାତ୍
ସଙ୍ଗୀତାର୍ଥୋ ନନୁ ପଶୁପତେସ୍ତତ୍ର ଭାବୀ ସମଗ୍ରଃ । ୫୭ ।
ପ୍ରାଲେୟାଦ୍ରେରୁପତଟମତିକ୍ରମ୍ୟ ତାଂ ସ୍ତାନ୍ ବିଶେଷାନ୍
ହଂସଦ୍ୱାରଂ ଭୃଗୁପତିଯଶୋ ବର୍ତ୍ମ ଯତ୍ କ୍ରୌଞ୍ଚରନ୍ଧ୍ରଂ ।
ତେନୋଦୀଚୀଂ ଦିଶମନୁସରେସ୍ତିର୍ଯ୍ୟଗାୟାମଶୋଭୀ
ଶ୍ୟାମଃ ପାଦୋ ବଳିନିୟମନାଭ୍ୟୁଦ୍ୟତସ୍ୟୈବ ବିଷ୍ଣୋଃ । ୫୮ ।

---

ଏକପ୍ରକାର ବେଣୁ ଅଛି, ତାହା ମଧ୍ୟରେ ବାୟୁ ପ୍ରବିଷ୍ଟ ହେଲେ ବଂଶୀଶବ୍ଦ ପରି ଶ୍ରୁତିସୁଖକର ଶବ୍ଦ ହୁଏ । କିନ୍ନରୀମାନେ ସେହି ସ୍ଥାନରେ ଏକତ୍ରିତ ହୋଇ ସୁମଧୁର ସ୍ୱରରେ ତ୍ରିପୁରବିଜୟ ଗାନ କରନ୍ତି । ଯେବେ ସେହି ସଂଗୀତସହ ତୁମ୍ଭର ଗର୍ଜ୍ଜନ ଗୁହାସମୂହରେ ପ୍ରତିନାଦିତ ହୋଇ ମୁରଜ ପରି ଶବ୍ଦାୟମାନ ହୁଏ, ତାହାହେଲେ ଦେବଦେବ ଆଶୁତୋଷଙ୍କ ସମୀପରେ ସଙ୍ଗୀତର ଯାବତୀୟ ଅଙ୍ଗ ସମ୍ପୂର୍ଣ୍ଣ ହେବ । ୫୭ । ହେ ବଳାହକ ! ତୁମ୍ଭେ ଏହିଠାରୁ ହିମାଚଳର ତଟପ୍ରାନ୍ତସ୍ଥ ତତ୍ତତ୍ ବିଶେଷ ବିଶେଷ ଦ୍ରଷ୍ଟବ୍ୟ ସ୍ଥଳରେ ଉତ୍ତୀର୍ଣ୍ଣ ହୋଇ ତତ୍ପରେ କ୍ରୌଞ୍ଚରନ୍ଧ୍ରରେ ଉପସ୍ଥିତ ହେବ । ସେହି ସ୍ଥାନ ଭୃଗୁରାମଙ୍କର ଅଦ୍ଭୁତ କୀର୍ତ୍ତିସ୍ଥଳ ବୋଲି ପ୍ରସିଦ୍ଧ । ହଂସ ସମୂହ ସେହି ରନ୍ଧ୍ରଦ୍ୱାର ମାନସ ସରୋବରକୁ ଗମନ କରନ୍ତି, ଏଥିପାଇଁ ଏହି ସ୍ଥାନ ହଂସଦ୍ୱାର ନାମରେ ଅଭିହିତ । ବଳିରାଜାଙ୍କୁ ବନ୍ଧନ କରିବା ପାଇଁ ଉଦ୍ୟତ ତ୍ରିବିକ୍ରମ ହରିଙ୍କର ଶ୍ୟାମବର୍ଣ୍ଣ ଚରଣ ଯେଉଁପରି ବକ୍ରତା ଧାରଣ କରିଥିଲା, ତୁମ୍ଭେ ମଧ୍ୟ ସେହିପରି ସେହି ସ୍ଥାନରେ କୁଟିଳଭାବରେ ଅବନତ ହୋଇ ସେହି ରନ୍ଧ୍ରରେ ପ୍ରବେଶ ପୂର୍ବକ ଉତ୍ତର ଦିଗକୁ ପ୍ରସ୍ଥାନ କରୁଥିବ । ୫୮ ।

Digitized by srujanika@gmail.com

ଗତ୍ୱା ଚୋର୍ଦ୍ଧ୍ୱଂ ଦଶମୁଖଭୁଜୋଚ୍ଛ୍ୱାସିତ ପ୍ରସ୍ଥସନ୍ଧେଃ
କୈଳାସସ୍ୟ ତ୍ରିଦଶବନିତାଦର୍ପଣସ୍ୟାତିଥିଃ ସ୍ୟାଃ ।
ଶୃଙ୍ଗୋଚ୍ଛ୍ରାୟୈଃ କୁମୁଦବିଶଦୈର୍ଯୋ ବିତତ୍ୟ ସ୍ଥିତଃ ଖଂ
ରାଶୀଭୂତଃ ପ୍ରତିଦିନମିବ ତ୍ର୍ୟମ୍ବକସ୍ୟାଟ୍ଟହାସଃ । ୫୯ ।
ଉତ୍ପଶ୍ୟାମି ତ୍ୱୟି ତଟଗତେ ସ୍ନିଗ୍ଧଭିନ୍ନାଞ୍ଜନାଭେ
ସଦ୍ୟଃ କୃତ୍ତଦ୍ୱିରଦଦଶନଚ୍ଛେଦଗୌରସ୍ୟ ତସ୍ୟ ।
ଶୋଭାମଦ୍ରେଃ ସ୍ତିମିତନୟନପ୍ରେକ୍ଷଣୀୟାଂ ଭବିତ୍ରୀ-
ମଂସନ୍ୟସ୍ତେ ସତି ହଳଭୃତୋ ମେଚକେ ବାସସୀବ । ୬୦ ।

---

ହେ ନୀରଦ ! ତତ୍ପରେ ତୁମ୍ଭେ କ୍ରୌଞ୍ଚ ରନ୍ଧ୍ରରୁ ବାହାର ହୋଇ ଊର୍ଦ୍ଧ୍ୱକୁ ଗମନ କଲେ ସୁବିମଳ ସ୍ଫଟିକମଣି ସଦୃଶ କୈଳାସ ପର୍ବତରେ ସମୁପସ୍ଥିତ ହେବ । ସେହି ଗିରିବର ସୁରକାମିନୀମାନଙ୍କର ଦର୍ପଣ ସ୍ୱରୂପ । କୌଣସି ସମୟରେ ରାକ୍ଷସପତି ରାବଣ ସ୍ୱୀୟ ଭୁଜବଳରେ ସେହି ପର୍ବତର ପ୍ରସ୍ଥସନ୍ଧି ବିଶ୍ଳେଷ କରି ଦେଇଥିଲେ । ଏହି କୈଳାସ ପର୍ବତ କୁମୁଦ ତୁଲ୍ୟ ବିଶଦ ସମୁଚ୍ଚ ଶୃଙ୍ଗରାଜିଦ୍ୱାରା ଗଗନମଣ୍ଡଳକୁ ପରିବ୍ୟାପ୍ତ କରି ବର୍ତ୍ତମାନ ଅଛି । ଏହି ଗିରିବର ପ୍ରତି ନେତ୍ରପାତ କଲେ ବୋଧ ହୁଏ ଯେପରି, ଭୂତପତି ପ୍ରତ୍ୟହ ଯେଉଁ ଯେଉଁ ଅଟ୍ଟହାସ କରୁଥାନ୍ତି, ତାହା ସବୁ ଯେପରି ଏକତ୍ର ରାଶୀକୃତ ହୋଇ ଶୋଭା ପାଉଅଛି । ୫୯ । ହେ ମେଘ । ତୁମ୍ଭର ବର୍ଣ୍ଣ ମାର୍ଜିତ ଅଞ୍ଜନ ପରି ଶ୍ୟାମଳ । କୈଳାସ ଗିରି ମଧ୍ୟ ସଦ୍ୟ କର୍ତ୍ତିତ ଗଜଦନ୍ତ ପରି ଶ୍ୱେତ ବର୍ଣ୍ଣ । ମୋହର ଇଚ୍ଛା ବୋଧ ହେଉଅଛି, ଯେଉଁ ସମୟରେ ତୁମ୍ଭେ କୈଳାସଶିଖର ନିକଟରେ ଉପନୀତ ହେବ, ସେହି ସମୟରେ ବଳଦେବଙ୍କ ସ୍କନ୍ଧଦେଶରେ କୃଷ୍ଣବର୍ଣ୍ଣ ବସ୍ତ୍ରବିନ୍ୟସ୍ତ ହେଲେ ଯେଉଁ ପରି ଶୋଭା ସମ୍ପାଦିତ ହୁଏ, ସେହି ଅଚଳରାଜ ତଦ୍ରୂପ ସ୍ଥିରନେତ୍ର ପ୍ରେକ୍ଷଣୀୟ ଅଦୃଷ୍ଟପୂର୍ବ ଶୋଭା ଧାରଣ କରିବ । ୬୦ । ହେ ପୟୋଧର । ସେହି ସମୟରେ ଦେବଦେବ

Digitized by srujanika@gmail.com

ହିତ୍ୱା ତସ୍ମିନ୍ ଭୁଜଗବଲୟଂ ଶମ୍ଭୁନା ଦତ୍ତହସ୍ତା
କ୍ରୀଡ଼ାଶୈଳେ ଯଦି ଚ ବିଚରେତ୍ ପାଦଚାରେଣ ଗୌରୀ ।
ଭଙ୍ଗୀଭକ୍ତ୍ୟା ବିରଚିତବପୁଃ ସ୍ତମ୍ଭିତାନ୍ତର୍ଜଲୌଘଃ
ସୋପାନତ୍ୱଂ କୁରୁ ମଣିତଟାରୋହଣାୟାଗ୍ରୟାୟୀ । ୬୧ ।
ତତ୍ରାବଶ୍ୟଂ ବଲୟକୁଳିଶୋଦ୍‌ଘଟ୍ଟନୋଦ୍‌ଗୀର୍ଣ୍ଣତୋୟଂ
ନେଷ୍ୟନ୍ତି ତ୍ୱାଂ ସୁରଯୁବତୟୋ ଯନ୍ତ୍ରଧାରାଗୃହତ୍ୱଂ ।
ତାଭ୍ୟୋ ମୋକ୍ଷସ୍ତବ ଯଦି ସଖେ ଘର୍ମଲବ୍ଧସ୍ୟ ନ ସ୍ୟାତ୍
କ୍ରୀଡ଼ାଲୋଲାଃ ଶ୍ରବଣପରୁଷୈର୍ଗର୍ଜିତୈର୍ଭୀଷୟେସ୍ତାଃ । ୬୨ ।
ହେମାମ୍ଭୋଜପ୍ରସବ ସଲିଳଂ ମାନସସ୍ୟାଦଦାନଃ
କୁର୍ବନ୍ କାମଂ କ୍ଷଣମୁଖପଟ ପ୍ରୀତିମୈରାବତସ୍ୟ ।

---

ପାର୍ବତୀନାଥ ଯେବେ ଭୁଜଙ୍ଗବଳୟ ଉନ୍ମୋଚନ କରି ପାର୍ବତୀଙ୍କ ହସ୍ତରେ ଯେଉଁ କର ଅର୍ପଣ କରନ୍ତି ଦେବୀ ମଧ୍ୟ ମହାଦେବଙ୍କର ସେହି କର ଗ୍ରହଣ କରି ଉକ୍ତ କ୍ରୀଡ଼ାଚଳରେ ପଦବ୍ରଜରେ ବିଚରଣ କରୁଥାନ୍ତି ତାହାହେଲେ ତୁମ୍ଭେ ପୁରୋଗାମୀ ହୋଇ ଅଭ୍ୟନ୍ତରସ୍ଥାଗରେ ସଲିଳ ସ୍ତମ୍ଭନପୂର୍ବକ ଭଙ୍ଗୀ ଅନୁସାରେ ସୋପାନର ଅନୁରୂପ ସ୍ୱୀୟ ଦେହ ନିର୍ମାଣ କରି ସେମାନଙ୍କର ମଣିତଟାରୋହଣର ସୋପାନ ସ୍ୱରୂପ ହେବ ।୬୧। ସେହିଠାରେ କ୍ରୀଡ଼ାକୌତୁକକାମ ଦେବନାରୀମାନେ କଙ୍କଣର ଅଗ୍ରଭାଗଦ୍ୱାରା ଉଦ୍‌ଘାଟନ କରି ତୁମ୍ଭର ବାରିଧାରା ଉଦ୍‌ଗୀର୍ଣ୍ଣ କରି ତୁମ୍ଭଙ୍କୁ କୃତ୍ରିମ ଯନ୍ତ୍ରଧାରା ଗୃହକୁ ନେଇ ଯିବେ । ହେ ସୁହୃଦ୍‌ବର ! ସେମାନେ ନିଦାଘକାଳରେ ତୁମ୍ଭଙ୍କୁ ପାଇ ଯେବେ ସହଜରେ ପରିତ୍ୟାଗ ନ କରନ୍ତି, ତାହାହେଲେ ତୁମ୍ଭେ ଶ୍ରୁତିକଠୋର ଦାରୁଣ ଗର୍ଜନଦ୍ୱାରା ସେମାନଙ୍କର ଅନ୍ତରରେ ଭୀତି ସମ୍ପାଦନ କରିବ ।୬୨। ହେ ବାରିଦ ! ସ୍ୱର୍ଣ୍ଣପଦ୍ମର ଆକର ମାନସ ସରୋବରର ସଲିଳ ଗ୍ରହଣପୂର୍ବକ ଇଚ୍ଛାର କାଳ ଐରାବତ ନାମା ମହାଗଜର ବଦନାଚ୍ଛାଦନଦ୍ୱାରା ମୁଖପଟ

Digitized by srujanika@gmail.com

ଧୂନ୍ୱନ୍ କଳ୍ପଦ୍ରୁମକିଶଳୟାନ୍ୟଂଶୁକାନୀବ ବାତୈ-
ର୍ନାନାଚେଷ୍ଟୈର୍ଜଳଦ ଲଳିତୈର୍ନିର୍ବିଶେସ୍ତଂ ନଗେନ୍ଦ୍ରଂ ।୬୩ ।
ତସ୍ୟୋତ୍ସଙ୍ଗେ ପ୍ରଣୟିନ ଇବ ସ୍ରସ୍ତଗଙ୍ଗାଦୁକୂଳାଂ
ନ ତ୍ୱଂ ଦୃଷ୍ଟ୍ୱା ନ ପୁନରଲକାଂ ଜ୍ଞାସ୍ୟସେ କାମଚାରିନ୍ ।
ଯା ବଃ କାଲେ ବହତି ସଲିଲୋଦ୍ଗାରମୁଚ୍ଚୈର୍ବିମାନା
ମୁକ୍ତାଜାଲଗ୍ରଥିତମଲକଂ କାମିନୀବାଭ୍ରବୃନ୍ଦଂ । ୬୪ ।

---

ପ୍ରୀତି ସମ୍ପାଦନ କରିବ ଏବଂ କ୍ଷଣକାଳ ଘୂର୍ଣ୍ଣିତ ବାୟୁଦ୍ୱାରା କଳ୍ପପାଦପ-ମାନଙ୍କର ଅଂଶୁକ କିଶଳୟ କମ୍ପିତ କରିବ । ତୁମ୍ଭେ ଏହିପରି ନାନା ରୂପ କ୍ରୀଡ଼ା ବିହାରଦ୍ୱାରା ଆପଣାର ଅଭିଳାଷାନୁସାରେ ସେହି ଅଚଳ-ରାଜକୁ ଉପଭୋଗ କରିବ । ୬୩ । ହେ କାମଚାରିନ୍ ! ପ୍ରଣୟି ଲୋକ କ୍ରୋଡ଼ରେ ଯେପରି ପ୍ରଣୟିନୀ ଅବସ୍ଥିତି କରେ, ସେହିପରି କୈଳା-ସାଚଳର ଉତ୍ସଙ୍ଗସ୍ଥାୟିନୀ ଜାହ୍ନବୀ ରୂପୀ ଦୁକୂଳଧାରିଣୀ ଅଳକା ନଗରୀ ତୁମ୍ଭର ନେତ୍ରପଥରେ ନପତିତ ହେଲେ ତୁମ୍ଭେ ଯେ ତାହା ଚିହ୍ନି ପାରିବ ନାହିଁ, ଏପରି ନୁହେଁ । ରମଣୀ ଯେଉଁପରି ମୁକ୍ତାଜାଳଖଚିତ ଅଳକାବଳୀ ଧାରଣ କରେ, ସପ୍ତଭୂମିକ ଗୃହରାଜି ପରି ଶୋଭିତ ସେହି ଅଳକା ନଗରୀ ମଧ୍ୟ ସେହିପରି ତୁମ୍ଭର ଅଭ୍ୟୁଦୟ ସମୟରେ ଜଳୋଦ୍ଗାର ସମ୍ପନ୍ନ ଜଳଧରବୃନ୍ଦ ଧାରଣ କରିବ । ୬୪ ।

---

Digitized by srujanika@gmail.com

## ଉତ୍ତର-ମେଘ ।

ବିଦ୍ୟୁତ୍ୱନ୍ତଂ ଲଳିତବନିତାଃ ସେନ୍ଦ୍ରଚାପଂ ସଚିତ୍ରାଃ
ସଙ୍ଗୀତାୟ ପ୍ରହତମୁରଜାଃ ସ୍ନିଗ୍ଧଗମ୍ଭୀର ଘୋଷଂ ।
ଅନ୍ତସ୍ତୋୟଂ ମଣିମୟଭୁବସ୍ତୁଙ୍ଗମଭ୍ରଂଲିହାଗ୍ରାଃ
ପ୍ରାସାଦାସ୍ତ୍ୱାଂ ତୁଲୟିତୁମଲଂ ଯତ୍ର ତୈସ୍ତୈର୍ବିଶେଷୈଃ । ୧ ।
ହସ୍ତେ ଲୀଳାକମଳମଳକେ ବାଳକୁନ୍ଦାନୁବିଦ୍ଧଂ
ନୀତା ଲୋଧ୍ରପ୍ରସବରଜସା ପାଣ୍ଡୁତାମାନନେ ଶ୍ରୀଃ ।

---

ହେ ବାରିବାହ ! ଅଳକା ନଗରୀର ଅଭ୍ରଂଲିହ ଅଟ୍ଟାଳିକା ସବୁ ନାନା ରୂପ ଦ୍ରବ୍ୟାଦି ବିଶେଷ ଦ୍ୱାରା ତୁମ୍ଭର ସୌସାଦୃଶ୍ୟ ପ୍ରାପ୍ତ ହେଉଅଛି । କାରଣ ତୁମ୍ଭର ଶରୀରାଭ୍ୟନ୍ତରରେ ସୌଦାମିନୀ ବିରାଜମାନ, ଅଳକାପୁରୀର ପ୍ରାସାଦମଣ୍ଡଳୀର ଅଭ୍ୟନ୍ତରରେ ମଧ୍ୟ ଅପୂର୍ବ ରୂପବତୀ ଯୁବତିରମଣୀମାନେ ବିରାଜିତ । ତୁମ୍ଭଠାରେ ଇନ୍ଦ୍ରଧନୁ ପରିଶୋଭିତ, ସେଠାର ପ୍ରାସାଦ ସମୂହ ମଧ୍ୟ ନାନା ପ୍ରକାର ବିଚିତ୍ର ବର୍ଣ୍ଣରେ ସୁରଞ୍ଜିତ । ତୁମ୍ଭର ଗର୍ଜ୍ଜନ ସ୍ନିଗ୍ଧ ଓ ଗମ୍ଭୀର, ଅଳକାପୁରୀର ପ୍ରାସାଦରାଜି ମଧ୍ୟ ନିରନ୍ତର ସଙ୍ଗୀତରେ ଓ ସ୍ନିଗ୍ଧ ଗମ୍ଭୀର ମୁରଜନାଦରେ ନିନାଦିତ । ତୁମ୍ଭର ଅଭ୍ୟନ୍ତର ଭାଗ ନିର୍ମଳ ଜଳରେ ପରିପୂର୍ଣ୍ଣ, ସେଠାର ପ୍ରାସାଦ ସବୁର ଅଭ୍ୟନ୍ତର ପ୍ରଦେଶରେ ମଧ୍ୟ ସୁବିମଳ ମଣିମୟ ଭୂମି ବିରାଜିତ । ତୁମ୍ଭେ ଯେଉଁପରି ସମୁଚ୍ଚ, ଅଳକାର ପ୍ରାସାଦ ମଧ୍ୟ ତଦ୍ରୂପ ସମୁନ୍ନତ । ସୁତରାଂ ସ୍ପଷ୍ଟ ବୋଧ ହେଉଅଛି, ଅଳକାପୁରୀର ପ୍ରାସାଦ ସବୁ ସମ୍ପୂର୍ଣ୍ଣ ରୂପେ ତୁମ୍ଭର ସମକକ୍ଷ । ୧ । ହେ ଜଳଦ ! ତୁମ୍ଭେ ଅଳକା ନଗରୀରେ ପହଞ୍ଚିଲାରୁ ଦେଖି ପାରିବ, ସେଠାର ନାରୀମାନଙ୍କ କର-ଦେଶରେ ଶରତ୍କାଳୀନ କ୍ରୀଡ଼ାକମଳ, ଅଳକାବଳୀରେ ହେମନ୍ତ

Digitized by srujanika@gmail.com

ଚୂଡ଼ାପାଶେ ନବକୁରବକଂ ଚାରୁ କର୍ଣ୍ଣେ ଶିରୀଷଂ
ସୀମନ୍ତେ ଚ ତ୍ୱଦୁପଗମଜଂ ଯତ୍ର ନୀପଂ ବଧୂନାଂ ।୨।
ଯତ୍ରୋନ୍ମତ୍ତଭ୍ରମରମୁଖରାଃ ପାଦପା ନିତ୍ୟପୁଷ୍ପା—
ହଂସଶ୍ରେଣୀରଚିତରଶନା ନିତ୍ୟପଦ୍ମା ନଳିନ୍ୟଃ ।
କେକୋତ୍କଣ୍ଠା ଭବନଶିଖିନୋ ନିତ୍ୟଭାସ୍ୱତ୍କଳାପା-
ନିତ୍ୟ ଜ୍ୟୋତ୍ସ୍ନାଃ ପ୍ରତିହତତମୋବୃତ୍ତିରମ୍ୟାଃ ପ୍ରଦୋଷାଃ ।୩।
ଆନନ୍ଦୋତ୍ଥଂ ନୟନସଲିଳଂ ଯତ୍ର ନାନ୍ୟୈର୍ନିମିତ୍ତୈ-
ର୍ନାନ୍ୟସ୍ତାପଃ କୁସୁମଶରଜାଦିଷ୍ଟସଂଯୋଗସାଧ୍ୟାତ୍ ।

---

ଜାତ ଅଭିନବ କୁନ୍ଦକୁସୁମଗ୍ରଥିତ, ବଦନଦେଶରେ ଶୀତଋତୁସଞ୍ଜାତ ଲୋଧ୍ରପୁଷ୍ପର ରେଣୋଦ୍ୱାରା ପାଣ୍ଡୁବର୍ଣ୍ଣିତ, କେଶପାଶରେ ବସନ୍ତଋତୁଜାତ ନବ କୁରୁବକ ପୁଷ୍ପ, କର୍ଣ୍ଣଯୁଗଳରେ ନିଦାଘକାଳୀନ ଶିରୀଷ ପୁଷ୍ପ ଏବଂ ସୀମନ୍ତପ୍ରଦେଶରେ ତୁମ୍ଭର ସମାଗମଜନିତ ନିତ୍ୟ ବର୍ଷାଋତୁ ସମ୍ଭୂତ କଦମ୍ବକୁସୁମ ନିରନ୍ତର ଶୋଭା ଧାରଣ କରୁଅଛି ।୨। ଯେହି ଅଳକାପୁରୀରେ ଯାବତୀୟ ବୃକ୍ଷରେ ଷଡ଼ଋତୁରେ ତତ୍ତତ୍କାଳୀନ ପୁଷ୍ପ ବିକଶିତ ହୋଇଥାଏ ଏବଂ ଉନ୍ମତ୍ତ ଭ୍ରମରଗଣ ନିରନ୍ତର ସେହି ସବୁ ପୁଷ୍ପରେ ଉପବେଶନ କରି ଶ୍ରୁତିସୁଖକର ଧ୍ୱନି କରନ୍ତି । ନଳିନୀଗଣ ସର୍ବଦା ବିକଶିତ ସରୋଜରାଜିରେ ପରିଶୋଭିତ ହୋଇଥାନ୍ତି; ହଂସ ଯୂଥ ମଧ୍ୟ ସର୍ବଦା ତାହା ସବୁ ପରିବେଷ୍ଟନ କରି ପରମ ଶୋଭା ସମ୍ପାଦନ କରିଥାନ୍ତି । ତତ୍ରତ୍ୟ ଗୃହପୋଷିତ ମୟୂରମାନେ ସବୁବେଳେ ସାନନ୍ଦରେ କେକା ରବ ବିସ୍ତାର କରନ୍ତି; ସେମାନଙ୍କର ବର୍ଣ୍ଣ ସବୁବେଳେ ନୟନ-ପ୍ରୀତିକର । ସେଠାରେ ସବୁବେଳେ ଜ୍ୟୋତ୍ସ୍ନା ବିକଶିତ ଥାଏ ଏବଂ ରାତ୍ରରେ ତିମିରରାଶି ନିରୀକ୍ଷିତ ହୁଏ ନାହିଁ ।୩। ସେହି ନଗରୀରେ କେବଳମାତ୍ର ଆନନ୍ଦଭରରେ ଯକ୍ଷମାନଙ୍କର ନେତ୍ର-ଜଳ ନିପତିତ ହେଉଥାଏ । ଅନ୍ୟକୌଣସି କାରଣରୁ ଅଶ୍ରୁପାତ

Digitized by srujanika@gmail.com

ନାପ୍ୟନ୍ୟସ୍ମାତ୍ ପ୍ରଣୟକଲହାଦ୍ୱିପ୍ରୟୋଗୋପପତ୍ତି-
ର୍ବିତ୍ତେଶାନାଂ ନ ଚ ଖଳୁ ବୟୋ ଯୌବନାଦନ୍ୟଦସ୍ତି । ୪ ।
ଯସ୍ୟାଂ ଯକ୍ଷାଃ ସିତମଣିମୟାନ୍ୟେତ୍ୟ ହର୍ମ୍ମ୍ୟସ୍ଥଳାନି
ଜ୍ୟୋତିଶ୍ଛାୟାକୁସୁମରଚନାନ୍ୟୁତ୍ତମସ୍ତ୍ରୀ ସହାୟାଃ ।
ଆସେବନ୍ତେ ମଧୁ ରତିଫଳଂ କଳ୍ପବୃକ୍ଷପ୍ରସୂତଂ
ତ୍ୱଦ୍ଗମ୍ଭୀରଧ୍ୱନିଷୁ ଶନକୈଃ ପୁଷ୍କରେଷ୍ୱାହତେଷୁ । ୫ ।
ମନ୍ଦାକିନ୍ୟାଃ ସଲିଲଶିଶିରୈଃ ସେବ୍ୟମାନାମରୁଦ୍ଭି—
ର୍ମନ୍ଦାରାଣାମନୁତଟରୁହାଂ ଛାୟୟା ବାରିତୋଷ୍ଣାଃ ।

---

ନୟଚିତ ହେବାର ଦେଖଯାଏ ନାହିଁ । ସେହି ସ୍ଥାନରେ ପ୍ରିୟଜନ ସମାଗମସାଧ୍ୟ ମଦନଶର ସନ୍ତାପ ବ୍ୟତୀତ ଅନ୍ୟ କୌଣସି ପ୍ରକାର ସନ୍ତାପ ନାହିଁ । ସେଠାରେ ଏକମାତ୍ର ପ୍ରଣୟକଲହ ବ୍ୟତିରେକେ ଅନ୍ୟ କୌଣସି କାରଣରୁ ବିରହ ଘଟନା ପରିଲକ୍ଷିତ ହୁଏ ନାହିଁ ଏବଂ ସେହି ସ୍ଥାନରେ ଯୌବନବ୍ୟତିରେକେ ଅନ୍ୟ କୌଣସି ବୟୋବସ୍ଥା ଘଟିବାର ସମ୍ଭାବନା ନାହିଁ । ୪ । ହେ ବାରିଦ ! ସେହି ଅଳକାରେ ଯକ୍ଷମାନେ ଓ ଅନୁପମ ରୂପଲାବଣ୍ୟବତୀ ତରୁଣୀମାନେ ସମଭିବ୍ୟାହାରରେ ତାରା ପଂକ୍ତି ପ୍ରତିବିମ୍ବସ୍ୱରୂପ ପୁଷ୍ପମଣ୍ଡଳରେ ସୁମଣ୍ଡିତ ସ୍ଫଟିକ ମଣିମୟ ପ୍ରାସାଦରେ ସମୁପସ୍ଥିତ ହୋଇ ତୁମ୍ଭସଦୃଶ ଗମ୍ଭୀରଗର୍ଜନକାରୀ ପୁଷ୍କର ନାମକ ବାଦ୍ୟମୁଖରେ ଆଘାତଦ୍ୱାରା ବାଦ୍ୟବାଦନସହକାରେ ରତିରୂପଫଳସାଧକ କଳ୍ପତରୁସମ୍ଭୂତ ସୁରା ପାନରେ ଆସକ୍ତ ହୋଇଥାନ୍ତି । ୫ । ସେହିଠାରେ ଅମରମାନଙ୍କର ପ୍ରାର୍ଥନୀୟ ଅନୁପମ ରୂପଲାବଣ୍ୟବତୀ ଯକ୍ଷ କନ୍ୟାମାନେ ମନ୍ଦାକିନୀ ତୀରସ୍ଥ ମନ୍ଦାରତରୁର ଛାୟାରେ ଉପବେଶନ କରି ଆତପତାପ ଦୂରୀତ କରୁଥାନ୍ତି; ତତ୍କାଳେ ମନ୍ଦାକିନୀର ସଲିଳକଣା ସଂସ୍ପର୍ଶହେତୁରୁ ସୁସ୍ନିଗ୍ଧ ସମୀରଣ ସେମାନଙ୍କର ସେବା

Digitized by srujanika@gmail.com

ଅନ୍ୱେଷ୍ଟବ୍ୟୈଃ କନକସିକତା ମୁଷ୍ଟିନିକ୍ଷେପଗୂଢୈଃ
ସଂକ୍ରୀଡନ୍ତେ ମଣିଭିରମରପ୍ରାର୍ଥିତା ଯତ୍ରକନ୍ୟାଃ । ୬ ।
ନୀବୀବନ୍ଧୋଚ୍ଛ୍ୱସିତଶିଥିଲଂ ଯତ୍ର ବିମ୍ବାଧରାଣାଂ
କ୍ଷୌମଂ ରାଗାଦନିଭୃତକରେଷ୍ୱାକ୍ଷିପତ୍ସୁ ପ୍ରିୟେଷୁ ।
ଅର୍ଚ୍ଚିସ୍ତୁଙ୍ଗାନଭିମୁଖମପି ପ୍ରାପ୍ୟ ରତ୍ନପ୍ରଦୀପାନ୍
ହ୍ରୀମୂଢାନାଂ ଭବତି ବିଫଳପ୍ରେରଣା ଚୂର୍ଣ୍ଣମୁଷ୍ଟିଃ । ୭ ।
ନେତ୍ରା ନୀତାଃ ସତତଗତିନା ଯଦ୍ୱିମାନାଗ୍ରଭୂମୀ—
ରାଲେଖ୍ୟାନାଂ ନବଜଳକଣୈର୍ଦ୍ଦୋଷମୁତ୍ପାଦ୍ୟ ସଦ୍ୟଃ ।
ଶଙ୍କାସ୍ପୃଷ୍ଟା ଇବ ଜଳମୁଚସ୍ତ୍ୱାଦୃଶା ଜାଳମାର୍ଗୈ—
ର୍ଧୂମୋଦ୍ଗାରାନୁକୃତିନିପୁଣା ଜର୍ଜ୍ଜରା ନିଷ୍ପତନ୍ତି । ୮ ।

---

କରିବାକୁ ଥାଏ, ସେମାନେ ମନ୍ଦାକିନୀତଟସ୍ଥ ସ୍ୱର୍ଣ୍ଣବାଲୁକାଭ୍ୟନ୍ତରରେ ମୁଷ୍ଟିଦ୍ୱାରା ଅନ୍ତର୍ନିହିତ, ଅନ୍ୱେଷଣୀୟ ମଣିଦ୍ୱାରା ଗୁପ୍ତମଣି ନାମକ କ୍ରୀଡ଼ାରେ ନିରତ ହୋଇ ଆମୋଦ ପ୍ରମୋଦରେ ନିରତ ହୁଅନ୍ତି । ୬ । ଯେଉଁ ଅଳକାନଗରୀରେ ସମ୍ଭୋଗ ଲୋଲୁପ କ୍ଷିପ୍ରହସ୍ତ ଅନୁରାଗ-ପରବଶ ହୋଇ ପ୍ରିୟତମାର ନୀବୀବନ୍ଧନ ଉନ୍ମୋଚନ କଲେ ପ୍ରଣୟିନୀର ଦୁକୂଳ ବନ୍ଧନ ଶିଥିଳ ହୋଇପଡ଼େ, ସେହି ସମୟରେ ନାୟକ ସେହି ଦୁକୂଳ ଅପନୟନ କରିବାର ଉଦ୍ଯୋଗ କଲେ ମୁଗ୍ଧା ନାୟିକା ଲଜ୍ଜାବଶରେ ଦୀପ ନିର୍ବାଣର ଅଭିଳାଷରେ କୁଙ୍କୁମାଦି ଚୂର୍ଣ୍ଣମୁଷ୍ଟି ନିକ୍ଷେପ କରେ; କିନ୍ତୁ ସେହି ଚୂର୍ଣ୍ଣମୁଷ୍ଟି ପୁରୋବର୍ତ୍ତୀ ପ୍ରଦୀପ୍ତ ଶିଖାବାନ୍ ରତ୍ନ ପ୍ରଦୀପରେ ନିପତିତ ହୋଇ ନିଷ୍ଫଳ ହୋଇଯାଏ ।୭। ହେ ବାରିବାହ ! ଯେଉଁ ଅଳକାନଗରୀରେ ଭବତ୍ସଦୃଶ ଜଳଦଜାଳ ପବନଭରରେ ସପ୍ତତଳ ଗୃହର ଉପରିଭାଗକୁ ନୀତ ହୋଇ ଅଭିନବ ସଲିଳକଣା ବର୍ଷଣପୂର୍ବକ ଆଲେଖ୍ୟମଣ୍ଡଳ ବିଦୂଷିତ କରନ୍ତଃ ଶଙ୍କିତ ଚିତ୍ତରେ ଧୂମ ପରି ଜୀର୍ଣ୍ଣଭାବରେ ଗବାକ୍ଷରନ୍ଧ୍ର ବାଟେ ବହିର୍ଗତ ହେଉଥାଏ । ୮ ।

Digitized by srujanika@gmail.com

ଯତ୍ର ସ୍ତ୍ରୀଣାଂ ପ୍ରିୟତମଭୁଜାଲିଙ୍ଗନୋଚ୍ଛ୍ୱାସିତାନା—
ମଙ୍ଗଗ୍ଲାନିଂ ସୁରତଜନିତାଂ ତନ୍ତୁଜାଲାବଲମ୍ବାଃ ।
ତ୍ୱତ୍ସଂରୋଧାପଗମବିଶଦୈଶ୍ଚନ୍ଦ୍ରପାଦୈର୍ନିଶୀଥେ
ବ୍ୟାଲୁମ୍ପନ୍ତି ସ୍ଫୁଟଜଲଲବସ୍ୟନ୍ଦିନଶ୍ଚନ୍ଦ୍ରକାନ୍ତାଃ । ୯ ।
ଅକ୍ଷୟ୍ୟାନ୍ତର୍ଭବନନିଧୟଃ ପ୍ରତ୍ୟହଂ ରକ୍ତକଣ୍ଠୈ—
ରୁଦ୍ଗାୟଦ୍ଭିର୍ଧନପତିୟଶଃ କିନ୍ନରୈର୍ୟତ୍ର ସାର୍ଦ୍ଧଂ ।
ବୈଭ୍ରାଜାଖ୍ୟଂ ବିବୁଧବନିତାବାରମୁଖ୍ୟା ସହାୟାଃ
ବଦ୍ଧାଳାପା ବହିରୁପବନଂ କାମିନୋ ନିର୍ବିଶନ୍ତି । ୧୦ ।
ଗତ୍ୟୁତ୍କମ୍ପାଦଲକପତିତୈର୍ୟତ୍ର ମନ୍ଦାରପୁଷ୍ପୈଃ
ପତ୍ରଚ୍ଛେଦୈଃ କନକକମଳୈଃ କର୍ଣ୍ଣବିଭ୍ରଂଶିଭିଶ୍ଚ ।

---

ଯେଉଁଠାରେ ଅର୍ଦ୍ଧରାତ୍ର ସମୟରେ ମେଘାବରଣ ଅପସୃତ ହେଲେ ସୁଧାଂଶୁକିରଣ ସମଧିକ ବିମଳତା ଧାରଣ କରେ । ସେହି ସମୟରେ ଈଷତ୍ ସଲିଳକଣା ବର୍ଷି ବିତାନଲମ୍ବି ସୂତ୍ରଦ୍ୱାରା ଗ୍ରଥିତ ଚନ୍ଦ୍ରକାନ୍ତମଣି ସବୁ ଉଲ୍ଲିଖିତ ଚନ୍ଦ୍ର କିରଣ ସମ୍ବନ୍ଧଯୋଗରେ ରମଣୀମାନଙ୍କର ସୁରତ ଗ୍ଳାନି ଅପସୃତ କରଦିଏ । ବସ୍ତୁତଃ ତତ୍କାଳେ ଅଙ୍ଗନାମାନେ ପ୍ରଣୟୀର ଭୁଜପାଶରେ ବେଷ୍ଟିତ ଥାନ୍ତି ସତ୍ୟ, କିନ୍ତୁ ଭ୍ରାନ୍ତି ବଶତଃ ସେମାନଙ୍କର ପ୍ରିୟତମ ସମ୍ପୃକ୍ତ ଆଲିଙ୍ଗନ ଶିଥିଳୀକୃତ ହୋଇଯାଏ । ୯ । ଯେଉଁ ଅଳକାନଗରୀରେ ଯେଉଁମାନଙ୍କର ଗୃହାଭ୍ୟନ୍ତରସ୍ଥ ନିଧିଗୁଡ଼ିକର କ୍ଷୟ ନାହିଁ, ସେହି ସବୁ ବିଳାସୀ ଯକ୍ଷମାନେ ପ୍ରତ୍ୟହ ଅପ୍ସରାମାନଙ୍କ ସହିତ ସମ୍ଭାଷଣ କରୁ କରୁ କଳକଣ୍ଠ କିନ୍ନରମାନଙ୍କ ସହିତ ଚୈତ୍ରରଥ ନାମକ ବାହ୍ୟୋପବନରେ ବିହାର କରିଥାନ୍ତି । ସେହି ସମୟରେ କିନ୍ନରମାନେ ଧନପତି କୁବେରଙ୍କର ଯଶୋଗାନ କରିବାରେ ପ୍ରବୃତ୍ତ ହୁଅନ୍ତି ।୧୦। ସେଠାରେ ପ୍ରଣୟିନୀ ନିକଟକୁ ଯିବା ପାଇଁ ଚଞ୍ଚଳ ଗମନ ଅଳକା-ବଳୀରୁ ସ୍ଖଳିତ କନକକମଳ, ମସ୍ତକରୁ ନିପତିତ ମୁକ୍ତାଜାଳ ଏବଂ ସ୍ତନ-

ମୁକ୍ତାଜାଲୈଃ ସ୍ତନପରସରଚ୍ଛିନ୍ନସୂତ୍ରୈଶ୍ଚ ହାରୈ—
ର୍ନୈଶୋ ମାର୍ଗଃ ସବିତୁରୁଦୟେ ସୂଚ୍ୟତେ କାମିନୀନାଂ । ୧୧ ।
ମତ୍ୱାଦେବଂ ଧନପତିସଖଂ ଯତ୍ର ସାକ୍ଷାଦ୍ବସନ୍ତଂ
ପ୍ରାୟଶ୍ଚାପଂ ନ ବହତି ଭୟାନ୍ମନ୍ମଥଃ ଷଟ୍‌ପଦଜ୍ୟଂ ।
ସଭ୍ରୂଭଙ୍ଗ ପ୍ରହିତନୟନୈଃ କାମିଲକ୍ଷ୍ୟେଷ୍ୱମୋଘୈ—
ସ୍ତସ୍ୟାରମ୍ଭଶ୍ଚତୁରବନିତା ବିଭ୍ରମୈରେବ ସିଦ୍ଧଃ । ୧୨ ।
ବାସଶ୍ଚିତ୍ରଂ ମଧୁ ନୟନୟୋର୍ବିଭ୍ରମାଦେଶଦକ୍ଷଂ
ପୁଷ୍ପୋଦ୍ଭେଦଂ ସହ କିସଲୟୈର୍ଭୂଷଣାନାଂ ବିକଳ୍ପାନ୍ ।
ଲାକ୍ଷାରାଗଂ ଚରଣକମଳନ୍ୟାସଯୋଗ୍ୟଞ୍ଚ ଯସ୍ୟା—
ମେକଃ ସୂତେ ସକଳମବଳାମଣ୍ଡନଂ କଳ୍ପବୃକ୍ଷଃ । ୧୩ ।
ତତ୍ରାଗାରଂ ଧନପତିଗୃହାନୁତ୍ତରେଣାସ୍ମଦୀୟଂ
ଦୂରାଲ୍ଲକ୍ଷ୍ୟଂ ସୁରପତି ଧନୁଶ୍ଚାରୁଣା ତୋରଣେନ ।

---

ପଡ଼ସରରୁ ଛିନ୍ନସୂତ୍ର ନିପତିତ ହାରମାଳା, ଏମାନଙ୍କଦ୍ୱାରା ସୂର୍ଯ୍ୟୋଦୟ ପରେ ମଧ୍ୟ ଅଭିସାରିକା ରମଣୀମାନଙ୍କର ରାତ୍ରି ଗମନ ସୂଚିତ ହୁଏ । ଯେ ଅଳକା ନଗରୀରେ କୁବେର ସଖା ଦେବଦେବ ପଶୁପତି ନିରନ୍ତର ଅବସ୍ଥିତି କରନ୍ତି, ସେହି ଭୟରେ ମଦନଦେବ ସେଠାରେ ଷଟ୍‌ପଦଗୁଣ-ସମନ୍ୱିତ ଶରାସନ ଧାରଣ କରନ୍ତିନାହିଁ । କିନ୍ତୁ ଚତୁରୀମାନେ କାମିଜନ ପ୍ରତି ଯେଉଁ ଭ୍ରୂଭଙ୍ଗି ସହିତ ଅମୋଘ ବିଭ୍ରମ ପ୍ରଦର୍ଶନ କରନ୍ତି, ତାହାଦ୍ୱାରା ମଦନର କାର୍ଯ୍ୟ ସୁସମ୍ପନ୍ନ ହୁଏ ଅର୍ଥାତ୍ ବିଳାସିନୀମାନଙ୍କର କଳାପଦ୍ୱାରା କାମିଲୋକର ସ୍ମର ବ୍ୟାପାର ସମ୍ପନ୍ନ ହୋଇଥାଏ । ୧୨ । ଏକମାତ୍ର କଳ୍ପତରୁ ସେଠାର ରମଣୀମାନଙ୍କର ଯାବତୀୟ ବିଭୂଷଣ ପ୍ରସବ କରିଥାଏ । ରମଣୀର ବସନ, ନୟନର ବିଭ୍ରମଶାଳୀନ ମଧୁ, କୁସୁମ କିସଳୟ, ନାନାବିଧ ବିଭୂଷଣ ଏବ ଚରଣପଦ୍ମୋପଯୋଗୀ ଲାକ୍ଷାରାଗ ସବୁ ଯେଉଁ ବୃକ୍ଷରୁ ଜାତ ହୁଏ । ୧୩ । ହେ ସଖେ ! ସେହି ସ୍ଥାନରେ କୁବେର ଗୃହର ଉତ୍ତରାଂଶରେ ମୋହର ଘର ପରିଲକ୍ଷିତ ହେବ ।

Digitized by srujanika@gmail.com

ଯସ୍ୟୋପାନ୍ତେ କୃତକତନୟଃ କାନ୍ତୟା ବର୍ଦ୍ଧିତୋ ମେ
ହସ୍ତପ୍ରାପ୍ୟସ୍ତବକନମିତୋ ବାଲମନ୍ଦାରବୃକ୍ଷଃ । ୧୪ ।
ବାପୀ ଚାସ୍ମିନ୍ମରକତଶିଳାବଦ୍ଧସୋପାନମାର୍ଗା
ହୈମୈଶ୍ଛନ୍ନା ବିକଚକମଳୈଃ ସ୍ନିଗ୍ଧବୈଦୂର୍ଯ୍ୟନାଳୈଃ ।
ଯସ୍ୟାସ୍ତୋୟେ କୃତବସତୟୋ ମାନସଂ ସନ୍ନିକୃଷ୍ଟଂ
ନାଧ୍ୟାସ୍ୟନ୍ତି ବ୍ୟପଗତଶୁଚସ୍ତ୍ୱାମପି ପ୍ରେକ୍ଷ୍ୟ ହଂସାଃ । ୧୫ ।
ତସ୍ୟାସ୍ତୀରେ ରଚିତଶିଖରଃ ପେଶଲୈରିନ୍ଦ୍ରନୀଳୈଃ
କ୍ରୀଡାଶୈଳଃ କନକକଦଳୀବେଷ୍ଟନପ୍ରେକ୍ଷଣୀୟଃ ।
ମଦ୍ଗେହିନ୍ୟାଃ ପ୍ରିୟ ଇତି ସଖେ ଚେତସା କାତରେଣ
ପ୍ରେକ୍ଷ୍ୟୋପାନ୍ତସ୍ଫୁରିତତଡ଼ିତଂ ତ୍ୱାଂ ତମେବ ସ୍ମରାମି । ୧୬ ।

---

ତାହାର ତୋରଣ ଇନ୍ଦ୍ରଧନୁ ପରି ମନୋହର ଏବଂ ତାହାର ପାର୍ଶ୍ୱ-ଦେଶରେ ଗୋଟିଏ ସୁକୁମାର ମନ୍ଦାର ତରୁ ଶୋଭା ପାଉଅଛି । ତାହାର ଶାଖା ସବୁ ହସ୍ତପ୍ରାପ୍ୟ ସ୍ତବକଭାରରେ ଅବନତ । ମୋର ପ୍ରିୟତମା କୃତକ ପୁତ୍ର ରୂପେ ସେହି ବୃକ୍ଷକୁ ପରିବର୍ଦ୍ଧିତ କରିଅଛି । ୧୪ । ଗୋଟିଏ କମନୀୟ ଦୀର୍ଘିକା ମୋର ବାସଭବନକୁ ଅଳଙ୍କୃତ କରି ରହିଅଛି । ତାହାର ସୋପାନସବୁ ମରକତମଣିରେ ନିର୍ମିତ, ବୈଦୂର୍ଯ୍ୟରଙ୍ଗ ବର୍ଣ୍ଣିଷ୍ଟ ସ୍ୱର୍ଣ୍ଣପଦ୍ମସବୁ ସେହି ସରୋବରରେ ବିକଶିତ ହୋଇ ରହିଅଛି । ସେହି ସରସୀ ସଲିଳରେ ଯେଉଁ ସବୁ ହଂସ ଅବସ୍ଥିତି କରନ୍ତି, ସେମାନେ ତୁମ୍ଭକୁ ଦେଖି ଚଳିକଳୁଷିତାଦି-ଦୁଃଖାଭାବ-ନିବନ୍ଧନ ସନ୍ନିହିତ ମାନସ-ସରୋବରକୁ ମଧ୍ୟ ଗମନ କରିବାକୁ ଉତ୍କଣ୍ଠିତ ହେବେ ନାହିଁ ।୧୫। ହେ ମିତ୍ର ! ସେହି ସରସୀ ତୀରରେ ଗୋଟିଏ କ୍ରୀଡ଼ାପର୍ବତ ବିରାଜିତ ଅଛି । ତାହାର ଶିଖର ପ୍ରଦେଶ ସୁକୋମଳ ଇନ୍ଦ୍ରନୀଳମଣିଦ୍ୱାରା ଖଚିତ ଏବଂ ଚାରିଆଡ଼େ କନକକଦଳୀ ଶୋଭା ପାଉଅଛି । ସେହି କ୍ରୀଡ଼ାଶୈଳ ମୋର ପ୍ରିୟତମାର ପରମପ୍ରୀତିପ୍ରଦ । ଆଜି ତୁମ୍ଭଙ୍କ ଦେଖି ତଦୀୟ ଉପାନ୍ତ ପ୍ରଦେଶରେ ସୌଦାମିନୀ ପ୍ରକାଶ ଦର୍ଶନରେ ମୋର ସ୍ମରଣପଥରେ ଏହା

Digitized by srujanika@gmail.com

ରକ୍ତାଶୋକଶ୍ଚଲକିଶଲୟଃ କେଶରଶ୍ଚାତ୍ର କାନ୍ତଃ
ପ୍ରତ୍ୟାସନ୍ନୌ କୁରବକବୃତେର୍ମାଧବୀମଣ୍ଡପସ୍ୟ ।
ଏକଃ ସଖ୍ୟାସ୍ତବ ସହ ମୟା ବାମ ପାଦାଭିଳାଷୀ
କାଂକ୍ଷତ୍ୟନ୍ୟୋ ବଦନମଦିରାଂ ଦୋହଦଚ୍ଛଦ୍ମନାସ୍ୟାଃ । ୧୭ ।
ତନ୍ମଧ୍ୟେ ଚ ସ୍ଫଟିକଫଲକା କାଞ୍ଚନୀ ବାସଯଷ୍ଟି—
ର୍ମୂଲେ ବଦ୍ଧା ମଣିଭିରନତିପ୍ରୌଢ଼ବଂଶପ୍ରକାଶୈଃ ।
ତାଲୈଃ ଶିଞ୍ଜଦ୍ ବଲୟସୁଭଗୈର୍ନର୍ତ୍ତିତଃ କାନ୍ତୟା ମେ
ଯାମଧ୍ୟାସ୍ତେ ଦିବସବିଗମେ ନୀଳକଣ୍ଠଃ ସୁହୃଦ୍ଵଃ । ୧୮ ।
ଏଭିଃ ସାଧୋ ହୃଦୟନିହିତୈର୍ଲକ୍ଷଣୈର୍ଲକ୍ଷୟେଥାଃ
ଦ୍ୱାରୋପାନ୍ତେ ଲିଖିତ ବପୁଷୌ ଶଙ୍ଖପଦ୍ମୌ ଚ ଦୃଷ୍ଟ୍ୱା ।

---

ସମ୍ବୋଧିତ ହେଉଅଛ; ବସ୍ତୁତଃ ମୁଁ ସକାତର ଚକ୍ଷୁରେ ସେହି ବିଷୟରେ ଚିନ୍ତା କରୁଅଛି । ୧୬ । ସେହି କ୍ରୀଡ଼ାପର୍ବତରେ କୁରୁବକ ପରିବୃତ ମାଧବୀ ମଣ୍ଡପ ନିକଟରେ ଚପଳ ପଲ୍ଲବସମନ୍ୱିତ ରକ୍ତାଶୋକ ଓ ସୁରମ୍ୟ ବକୁଳ ତରୁ ଶୋଭା ଧାରଣ କରୁଅଛି । ସେହି ବୃକ୍ଷଦ୍ୱୟ ମଧ୍ୟରୁ ପ୍ରଥମୋକ୍ତଟି ଦୋହଦଛଳରେ ମୋ ସହିତ ତୁମ୍ଭ ସଖୀର ବାମ ଚରଣାଘାତ ଏବଂ ଦ୍ୱିତୀୟଟି ତାହାଙ୍କର ମୁଖମଦିରା ପ୍ରତ୍ୟାଶା କରିଥାଏ । ୧୭ । ସେହି ଦୁଇ ବୃକ୍ଷର ମଧ୍ୟସ୍ଥଳରେ ସ୍ଫଟିକ ପୀଠ ସମ୍ପନ୍ନ, ମଣିମୟ ବେଦିକାଦ୍ୱାରା ମୂଳଦେଶ ସଂବଦ୍ଧ, ଅପରିଣତ ନବୋଦ୍ଗତ ବଂଶ ପରି ମନୋହର ଗୋଟିଏ କାଞ୍ଚନମୟ ବାଂଶଦଣ୍ଡ ଶୋଭା ପାଉଅଛି । ତୁମ୍ଭର ପ୍ରିୟ ସୁହୃତ ମୟୂର ମୋର ପ୍ରଣୟିନୀର ବଳୟଭୂଷଣଧ୍ୱନି-ସହକୃତ କରତାଳି ବାଦ୍ୟରେ ନୃତ୍ୟ କରି ସନ୍ଧ୍ୟା ସମୟରେ ସେହି ଯଷ୍ଟିରେ ଅଧିରୋହଣ କରିଥାଏ । ୧୮ । ହେ ସୌମ୍ୟ ! ତୁମ୍ଭେ ମନସ୍ଥିତ ଏହି ସବୁ ଲକ୍ଷଣ ବିଶେଷରୂପେ ସ୍ମରଣ ରଖି ଏବଂ ଦ୍ୱାରର ପାର୍ଶ୍ୱଦେଶରେ ଶଙ୍ଖ ଓ ପଦ୍ମ ଚିହ୍ନ ଅଙ୍କିତ ହୋଇଥିବାର ଦେଖି ସେମାନଙ୍କ ଦ୍ୱାରା ନିର୍ଣ୍ଣୟ କରିବ ମୋର ଭବନ, ଅନୁମାନ ହେଉଅଛି,

Digitized by srujanika@gmail.com

କ୍ଷାମଚ୍ଛାୟଂ ଭବନମଧୁନା ମଦ୍ବିୟୋଗେନ ନୂନଂ
ସୂର୍ଯ୍ୟାପାୟେ ନ ଖଳୁ କମଳଂ ପୁଷ୍ୟତି ସ୍ୱାମଭିଖ୍ୟାଂ । ୧୯ ।
ଗତ୍ୱା ସଦ୍ୟଃ କଳଭତନୁତାଂ ଶୀଘ୍ରସମ୍ପାତହେତୋଃ
କ୍ରୀଡ଼ାଶୈଳେ ପ୍ରଥମକଥିତେ ରମ୍ୟସାନୌ ନିଷଣ୍ଣଃ ।
ଅର୍ହସ୍ୟନ୍ତର୍ଭବନପତିତାଂ କର୍ତ୍ତୁମଲ୍ପାଲ୍ପଭାସଂ
ଖଦ୍ୟୋତାଳୀ ବିଳସିତନିଭାଂ ବିଦ୍ୟୁଦୁନ୍ମେଷ ଦୃଷ୍ଟିଂ । ୨୦ ।
ତନ୍ୱୀ ଶ୍ୟାମା ଶିଖରିଦଶନା ପକ୍ୱବିମ୍ବାଧରୋଷ୍ଠୀ
ମଧ୍ୟେ କ୍ଷାମା ଚକିତହରିଣୀ ପ୍ରେକ୍ଷଣା ନିମ୍ନନାଭିଃ ।
ଶ୍ରୋଣୀଭାରାଦଳସଗମନା ସ୍ତୋକନମ୍ରା ସ୍ତନାଭ୍ୟାଂ
ଯା ତତ୍ର ସ୍ୟାଦ୍ୟୁବତିବିଷୟେ ସୃଷ୍ଟିରାଦ୍ୟେବ ଧାତୁଃ । ୨୧ ।

---

ବର୍ତ୍ତମାନ ମୋର ଗୃହ ମୋ ବିରହରେ ଶ୍ରୀହୀନ ହୋଇ ପଡ଼ିଅଛି ସନ୍ଦେହ ନାହିଁ । କାରଣ ସୂର୍ଯ୍ୟ ଅସ୍ତମିତ ହେଲେ ପଦ୍ମର ପୂର୍ବ ଶୋଭା ଆଉ ବିଦ୍ୟମାନ ରହେ ନାହିଁ । ୧୯ । ହେ ସଖେ ! ଶୀଘ୍ର ଯିବା ପାଇଁ କରିଶାବକ ପରି ସଙ୍କୁଚିତ ଶରୀରରେ ପ୍ରଥମ କଥିତ ସୁରମ୍ୟଶୃଙ୍ଗ-ବିରାଜିତ କ୍ରୀଡ଼ା ପର୍ବତରେ ସମାସୀନ ହୋଇ ଖଦ୍ୟୋତାବଳୀର ବିଳାସ ପରି ସ୍ୱୀୟ ବିଦ୍ୟୁଦ୍ବିକାଶରୂପ ଦୃଷ୍ଟି ଅଳ୍ପମାତ୍ର ବିକଶିତ କରି ଗୃହାଭ୍ୟନ୍ତରେ ନିପାତିତ କରିବ । ୨୦ । ହେ ଜଳଦ ! ତୁମ୍ଭେ ଗୃହାଭ୍ୟନ୍ତରେ ଦୃଷ୍ଟି-ପାତ କଲାରୁ ଦେଖିବ, ମୋର ପ୍ରିୟତମା ଯୁବତୀବିଷୟରେ ବିଧାତାଙ୍କ ଆଦ୍ୟାସୃଷ୍ଟି ପରି ଗୃହ ମଧ୍ୟଭାଗ ଆଲୋକିତ କରି ରହିଅଛି ଅର୍ଥାତ୍ ସେ ସୃଷ୍ଟିକର୍ତ୍ତାଙ୍କର ପ୍ରଥମ ଶିଳ୍ପନୈପୁଣ୍ୟ ବୋଲି ବୋଧ ହେବ । ତାହାର ଦେହ କୃଶ, ବର୍ଣ୍ଣ ଶ୍ୟାମ, ଦଶନ ଦାଡ଼ିମ ବୀଜ ସଦୃଶ, ଅଧରୋଷ୍ଠ ପକ୍ୱବିମ୍ବ ପରି ଲୋହିତ, କଟି କ୍ଷୀଣ, ନେତ୍ର ଦ୍ୱୟ ହରିଣୀ ସଦୃଶ ଚଞ୍ଚଳ, ନାଭିଦେଶ ଗମ୍ଭୀର, ଗତି ଶ୍ରୋଣୀଭରରେ ମନ୍ଦ ମନ୍ଦ ଏବଂ ଦେହଯଷ୍ଟି ସ୍ତନଭରରେ କିଞ୍ଚିତ ଅବନତ । ୨୧ । ସେହି ପରମିତଭାଷିଣୀ ଅବଳାଙ୍କୁ

Digitized by srujanika@gmail.com

ତାଂ ଜାନୀଥାଃ ପରମିତକଥାଂ ଜୀବିତଂ ମେ ଦ୍ୱିତୀୟଂ
ଦୂରୀଭୂତେ ମୟି ସହଚରେ ଚକ୍ରବାକୀମିବୈକାଂ।
ଗାଢ଼ୋତ୍କଣ୍ଠାଂ ଗୁରୁଷୁ ଦିବସେଷ୍ୱେଷୁ ଗଚ୍ଛତ୍ସୁ ବାଲାଂ
ଜାତାଂମନ୍ୟେ ଶିଶିରମଥିତାଂ ପଦ୍ମିନୀ ବାନ୍ୟରୂପାଂ । ୨୨ ।

ନୂନଂ ତସ୍ୟାଃ ପ୍ରବଳରୁଦିତୋ ଚ୍ଛୂନନେତ୍ରଂ ପ୍ରିୟାୟାଃ
ନିଶ୍ୱାସାନାମଶିଶିରତୟା ଭିନ୍ନବର୍ଣ୍ଣାଧରୋଷ୍ଠଂ।
ହସ୍ତନ୍ୟସ୍ତଂ ମୁଖମସକଳବ୍ୟକ୍ତି ଲମ୍ବାଳକତ୍ୱା—
ଦିନ୍ଦୋର୍ଦୈନ୍ୟଂ ତ୍ୱଦନୁସରଣକ୍ଲିଷ୍ଟକାନ୍ତେର୍ବିଭର୍ତ୍ତି । ୨୩ ।

ଆଲୋକେ ତେ ନିପତତି ପୁରା ସା ବଳିବ୍ୟାକୁଳା ବା
ମତ୍ସାଦୃଶ୍ୟଂ ବିରହତନୁ ବା ଭାବଗମ୍ୟଂ ଲିଖନ୍ତୀ।
ପୃଚ୍ଛନ୍ତୀ ବା ମଧୁରବଚନାଂ ସାରିକାଂ ପଞ୍ଜରସ୍ଥାଂ
କଚ୍ଚିଦ୍ଭର୍ତ୍ତୁଃ ସ୍ମରସି ରସିକେ ତ୍ୱଂ ହି ତସ୍ୟ ପ୍ରିୟେତି । ୨୪ ।

---

ମୋହର ଦ୍ୱିତୀୟ ଜୀବନ ବୋଲି ଜାଣିବ। ମୁଁ ଦୂରୀଭୂତ ହେବାରୁ ବର୍ତ୍ତମାନ ଚକ୍ରବାକବିୟୋଗିନୀ ଚକ୍ରବାକୀ ପରି ସେ ଏକାକିନୀ ଅବସ୍ଥାନ କରୁଅଛି। ମତେ ସ୍ପଷ୍ଟ ବୋଧ ହେଉଅଛି, ଈଦୃଶ ଦୀର୍ଘକାଳ ଅତୀତ ହେବାରୁ ଦାରୁଣଉତ୍କଣ୍ଠାନିବନ୍ଧନ ଶିଶିରମଥିତ କମଳିନୀ ପରି ପ୍ରିୟତମାର ରୂପ ବିକୃତ ହୋଇ ଯାଇଅଛି ।୨୨। ହେ ସଖେ! ନିରନ୍ତର ରୋଦନ କରି ତାହାର ନୟନଯୁଗଳ ଉଚ୍ଛ୍ୱସିତ ଓ ଉତପ୍ତ ନିଶ୍ୱାସଭରରେ ଅଧରୋଷ୍ଠ ମଧ ଭିନ୍ନ ବର୍ଣ୍ଣ ଧାରଣ କରିଅଛି। ତୁମ୍ଭେ ଆହୁରି ମଧ ଦେଖିବ ତାହାର ମୁଖମଣ୍ଡଳ କାନ୍ତିହୀନ ଓ ନିରନ୍ତର କରତଳରେ ସ୍ଥିବିନ୍ୟସ୍ତ ରହିଅଛି ଏବଂ ଅଳକଜାଲରେ ପରିବୃତ ହେବାରୁ ତାହାର ଅବୟବ ବଶତଃ ଶ୍ରୀହୀନ ଶଶଧର ପରି ଏକାନ୍ତ ମଳିନ ହୋଇ ପଡ଼ିଅଛି। ୨୩। ତୁମ୍ଭେ ଦେଖି ପାରିବ, ମୋର ପ୍ରିୟତମା ଦେବପୂଜା କିମ୍ବାରେ ବ୍ରତ ରହି- ଅଛି, ଅଥବା ମୋର ବିରହକୃଶ ପ୍ରତିମୂର୍ତ୍ତି ମନେ ମନେ କଳ୍ପନା କରି ଆଲେଖ୍ୟ ଚିତ୍ରିତ କରୁଅଛି। ଅଥବା ପିଞ୍ଜରବାସିନୀ ମଧୁରବଚନା

ଉତ୍ସଙ୍ଗେ ବା ମଳିନବସନେ ସୌମ୍ୟ ନିକ୍ଷିପ୍ୟ ବୀଣାଂ
ମଦ୍ଗୋତ୍ରାଙ୍କଂ ବିରଚିତପଦଂ ଗେୟମୁଦ୍ଗାତୁକାମା ।
ତନ୍ତ୍ରୀମାର୍ଦ୍ରାଂ ନୟନସଲିଳୈଃ ସାରୟିତ୍ୱା କଥଞ୍ଚିଦ୍
ଭୂୟୋ ଭୂୟଃ ସ୍ୱୟମପି କୃତାଂ ମୂର୍ଚ୍ଛନାଂ ବିସ୍ମରନ୍ତୀ । ୨୫ ।
ଶେଷାନ୍ମାସାନ୍ ବିରହଦିବସସ୍ଥାପିତସ୍ୟାବଧେର୍ବା
ବିନ୍ୟସ୍ୟନ୍ତୀ ଭୁବି ଗଣନୟା ଦେହଳୀମୁକ୍ତପୁଷ୍ପୈଃ ।
ମତ୍ସଙ୍ଗଂ ବା ହୃଦୟନିହିତାରମ୍ଭମାସ୍ୱାଦୟନ୍ତୀ
ପ୍ରାୟେଣୈତେ ରମଣବିରହେଷ୍ୱଙ୍ଗନାନାଂ ବିନୋଦାଃ । ୨୬ ।
ସବ୍ୟାପାରାମହନି ନ ତଥା ପୀଡୟେନ୍ମଦ୍ୱିୟୋଗଃ
ଶଙ୍କେ ରାତ୍ରୌ ଗୁରୁତରଶୁଚଂ ନିର୍ବିନୋଦାଂ ସଖୀଂ ତେ ।

---

ସାରିକାକୁ ସମ୍ବୋଧନ କରି ପଚାରୁଅଛି ."ହେ ସାରିକେ ! ତୁମ୍ଭେ କଣ ପ୍ରିୟତମଙ୍କୁ ଏକାନ୍ତରେ ବସି ହୃଦୟରେ ସ୍ମରଣ କରୁଅଛ ? ସେ ଯେ ତୁମ୍ଭଙ୍କୁ ନିତାନ୍ତ ଭଲ ପାଉଥିଲେ" । ୨୪ । ହେ ସୌମ୍ୟ ! ଅଥବା ତୁମ୍ଭେ ଦେଖିବ ପ୍ରିୟତମା ମଳିନବସନ ସମ୍ପନ୍ନ କ୍ରୋଡ଼ଦେଶରେ ବୀଣା ନିକ୍ଷେପ ପୂର୍ବକ ମୋର ନାମାଙ୍କିତ ବିରଚିତ ପଦଯୁକ୍ତ ଗୀତି ଗାନରେ ଉନ୍ମୁଖ ହୋଇ କୌଣସି ପ୍ରକାରେ ନୟନାଶ୍ରୁସିକ୍ତ ତନ୍ତ୍ରୀ ମାର୍ଜ୍ଜନ କରି ସ୍ୱକୃତ ମୂର୍ଚ୍ଛନା ମଧ୍ୟ ବାରମ୍ବାର ବିସ୍ମୃତ ହୋଇ ଯାଉଥିବ । ୨୫। ହୁଏ-ତ ଦେଖି ପାରିବ, ସେ ଦେହଳୀମୁକ୍ତ ପୁଷ୍ପ ସବୁ ପର୍ଯ୍ୟବେକ୍ଷଣ କରି ବିରହ ଦିବସର ଆଉ କେତେ ମାସ ଅବଶିଷ୍ଟ ଅଛି, ତାହା ଗଣନା କରୁଅଛି; ଅଥବା ସଙ୍କଳ୍ପବଶେ ମୋ ସହିତ ସମ୍ଭୋଗ ଜନିତ ରତିରସ ଆସ୍ୱାଦନରେ ନିରତ ରହିଅଛି । ହେ ସୌମ୍ୟ ! ପ୍ରିୟ ବିରହ ଉପସ୍ଥିତ ହେଲେ ଅବଳାମାନେ ପ୍ରାୟ ଏହିପରି ଚିତ୍ତବିନୋଦନ କରିଥାନ୍ତି ।୨୬। ମୋର ବୋଧ ହୁଏ, ଦିନରେ ନାନା କାର୍ଯ୍ୟରେ ବ୍ୟାପୃତ ଥିବାରୁ ମୋର ବିୟୋଗ ପ୍ରିୟତମାକୁ ସେପରି କ୍ଲେଶ ପ୍ରଦାନ କରିବାକୁ ସମର୍ଥ ନୁହେ; ରାତ୍ରରେ ତାହାର ଶୋକ ଓ ଦୁଃଖ ଗୁରୁତର ହୋଇ ଉଠେ । ଅତଏବ

Digitized by srujanika@gmail.com

ମତ୍ସନ୍ଦେଶୈଃ ସୁଖୟିତୁମଲଂ ପଶ୍ୟ ସାଧ୍ୱୀଂ ନିଶୀଥେ
ତାମୁନ୍ନିଦ୍ରାମବନିଶୟନାଂ ସୌଧବାତାୟନସ୍ଥଃ । ୨୭ ।
ଆଧିକ୍ଷାମାଂ ବିରହଶୟନେ ସନ୍ନିଷଣ୍ଣୈକପାର୍ଶ୍ୱାଂ
ପ୍ରାଚୀମୂଲେ ତନୁମିବ କଳାମାତ୍ରଶେଷାଂ ହିମାଂଶୋଃ ।
ନୀତା ରାତ୍ରିଃ କ୍ଷଣମିବ ମୟା ସାର୍ଦ୍ଧମିଚ୍ଛାରତୈର୍ଯା
ତାମେବୋଷ୍ଣୈର୍ବିରହମହତୀମଶ୍ରୁଭିର୍ଯାପୟନ୍ତୀଂ । ୨୮ ।
ନିଶ୍ୱାସେନାଧରକିଶଳୟକ୍ଲେଶିନା ବିକ୍ଷିପନ୍ତୀଂ
ଶୁଦ୍ଧସ୍ନାନାତ୍ ପରୁଷମଲକଂ ନୂନମାଗଣ୍ଡଲମ୍ବଂ ।
ମତ୍ସମ୍ଭୋଗଃ କଥମୁପନୟେତ୍ ସ୍ୱପ୍ନଜୋଽପୀତି ନିଦ୍ରା-
ମାକାଂକ୍ଷନ୍ତୀଂ ନୟନସଲିଳୋତ୍ପୀଡ଼ରୁଦ୍ଧାବକାଶାଂ । ୨୯ ।

---

ତୁମ୍ଭେ ରାତ୍ରରେ ସୌଧବାତାୟନରେ ନିଷଣ୍ଣ ହୋଇ ସେହି ଧରଣୀଶାୟିନୀ ନିଦ୍ରାରହିତା ସାଧ୍ୱୀ ସଙ୍ଗେ ସାକ୍ଷାତ୍ କରି ମୋର ସମ୍ବାଦଦାନରେ ତାହାକୁ ସୁଖୀ କରିବ । ୨୭ । ହେ ପୟୋଧର ! ତୁମ୍ଭେ ଦେଖିବ; ପ୍ରିୟତମା ବିରହ ଯାତନାରେ ଏକାନ୍ତ କ୍ଷୀଣ ହୋଇ ବିରହଶଯ୍ୟାରେ ଏକପାର୍ଶ୍ୱରେ ଶୟନ କରି ରହିଅଛି । ତାକୁ ଦେଖିଲେ ବୋଧ ହେବ ଯେପରି, ପୂର୍ବଦିଗର ପ୍ରାନ୍ତଭାଗରେ କଳାମାତ୍ରାବଶେଷ ସୁଧାଂଶୁ ବିରାଜୁଅଛି । ଅହା ! ପ୍ରିୟତମା ମୋ ସହିତ ସ୍ୱେଚ୍ଛା ବିହାରରେ ପ୍ରବୃତ୍ତ ହୋଇ ମୁହୂର୍ତ୍ତକ ପରି ଯେଉଁ ଯାମିନୀ ଯାପନ କରୁଥିଲା, ବର୍ତ୍ତମାନ ବିରହ ହେତୁରୁ ସେହି ଯାମିନୀ ଯତ୍ପରୋନାସ୍ତି ସୁଦୀର୍ଘ ହୋଇ ଉଠିଅଛି । ତୁମ୍ଭେ ଦେଖି ପାରିବ; ସେ ବିରହସନ୍ତପ୍ତ ଅଶ୍ରୁ ବିସର୍ଜନ ପୂର୍ବକ ତାଦୃଶୀ ରଜନୀ ଅତିବାହିତ କରୁଅଛି । ୨୮ । ହେ ପୟୋଦ ! ତୁମ୍ଭେ ଦେଖିବ ସୁଦୀର୍ଘ ନିଶ୍ୱାସଭରରେ ପ୍ରିୟତମାର ଅଧର କିଶଳୟ ଏକାନ୍ତ କ୍ଲିଷ୍ଟ ଓ ଗଣ୍ଡ ପର୍ଯ୍ୟନ୍ତ ଲମ୍ବିତ ଅଳକାଜାଳ ଆନ୍ଦୋଳିତ ହେଉଅଛି ସନ୍ଦେହ ନାହିଁ । ଅବିରଳ ନୟନାଶ୍ରୁ ନିପତିତ ହେବାରୁ ନିଦ୍ରା ତାହାର

Digitized by srujanika@gmail.com

ଅଦ୍ୟେ ବଦ୍ଧା ବିରହଦିବସେ ଯା ଶିଖା ଦାମ ହିତ୍ୱା
ଶାପସ୍ୟାନ୍ତେ ବିଗଳିତଶୁଚା ତାଂ ମୟୋଦ୍‌ବେଷ୍ଟନୀୟାଂ ।
ସ୍ପର୍ଶକ୍ଲିଷ୍ଟାମୟମିତ ନଖେନାସକୃତ୍ ସାରୟନ୍ତୀଂ
ଗଣ୍ଡାଭୋଗାତ୍ କଠିନବିଷମାମେକବେଣୀଂ କରେଣ । ୩୦ ।

ପାଦାନିନ୍ଦୋରମୃତ ଶିଶିରାନ୍ ଜାଲମାର୍ଗପ୍ରବିଷ୍ଟାନ୍
ପୂର୍ବପ୍ରୀତ୍ୟା ଗତମଭିମୁଖଂ ସନ୍ନିବୃତ୍ତଂ ତଥୈବ ।
ଚକ୍ଷୁଃ ଖେଦାତ୍ ସଲିଳଗୁରୁଭିଃ ପକ୍ଷ୍ମଭିଶ୍ଛାଦୟନ୍ତୀଂ
ସାଭ୍ରେଽହ୍ନୀବ ସ୍ଥଳକମଳିନୀଂ ନ ପ୍ରବୁଦ୍ଧାଂ ନ ସୁପ୍ତାଂ । ୩୧

ସା ସନ୍ନ୍ୟସ୍ତାଭରଣମବଲା ପେଶଲଂ ଧାରୟନ୍ତୀ
ଶଯ୍ୟୋତ୍ସଙ୍ଗେ ନିହିତମସକୃଦ୍ ଦୁଃଖଦୁଃଖେନ ଗାତ୍ରଂ ।

---

ନିକଟବର୍ତ୍ତିନୀ ହୋଇ ପାରୁନାହିଁ । କିନ୍ତୁ ସେ କେବଳ ସ୍ୱପ୍ନାବେଶରେ ମୋ ସହିତ ସମ୍ଭୋଗ ବାସନାରେ ମୁହୁର୍ମୁହୁ ନିଦ୍ରା ପ୍ରାର୍ଥନା କରୁଅଛି । ଆଉ ଦେଖିବ, ଯେଉଁ ଦିନ ପ୍ରଥମ ବିରହ ଘଟନା ଉପସ୍ଥିତ ହୁଏ, ପ୍ରିୟତମା ସେହି ଦିନ ମାଲ୍ୟଦାମ ବିସର୍ଜନ କରି ଯେଉଁ ଶିଖା ବନ୍ଧନ କରିଅଛି ଶାପାନ୍ତେ ଆନନ୍ଦଭରରେ ମୁଁ ଯାହା ଫିଟାଇ ଉଦ୍‌ବେଷ୍ଟନ କରି ଦେବି, ସେ ସ୍ପର୍ଶ କ୍ଲିଷ୍ଟ ନଖ ବିଶିଷ୍ଟ ହସ୍ତଦ୍ୱାରା ସେହି କଠିନ ବିଷମ ଏକବେଣୀ ସ୍ୱରୂପ ଶିଖାଗଣ୍ଡପ୍ରଦେଶରୁ ପୁନଃ ପୁନଃ ଅପସାରିତ କରୁଅଛି । ୩୦ । ସ୍ଥଳପଦ୍ମିନୀ ଯେଉଁପରି ମେଘାଚ୍ଛନ୍ନ ଦିବସରେ ବିକସିତ ବା ମୁକୁଳିତ ନ ଥାଏ, ଅଧୁନା ମୋର ପ୍ରିୟତମା ମଧ୍ୟ ତଦନୁରୂପ ଅବସ୍ଥାପନ୍ନ ହେଉଅଛି ସନ୍ଦେହ ନାହିଁ, କାରଣ ତାହାର ନୟନଦ୍ୱୟ ପୂର୍ବ ପ୍ରୀତିନିବନ୍ଧନ ଗବାକ୍ଷରନ୍ଧ୍ରାଗତ ସୁଧାଂଶୁ କରର ଅଭିମୁଖୀନ ଓ ପୁନର୍ବାର ସନ୍ନିବୃତ୍ତ ହୋଇ ଦାରୁଣ ଦୁଃଖ-ସଲିଳରେ ଅପ୍ଲାବିତ ହେଉଅଛି । ସେ ପକ୍ଷ୍ମଦ୍ୱାରା ପୁନଃ ପୁନଃ ଚକ୍ଷୁ ଆଚ୍ଛାଦନ କରୁଅଛି ।୩୧। ହେ ଜଳଦ ! ସେହି ଅବଳା ନିରତିଶୟ ଦୁଃଖନିବନ୍ଧନ ଯାବତୀୟ ଭୂଷଣ ପରିତ୍ୟାଗ କରି ନିରନ୍ତର ଶଯ୍ୟାଶାୟିନୀ ହୋଇଅଛି । ଦେଖିବା

Digitized by srujanika@gmail.com

ତ୍ୱାମପ୍ୟସ୍ରଂ ନବଜଳମୟଂ ମୋଚୟିଷ୍ୟତ୍ୟବଶ୍ୟଂ
ପ୍ରାୟଃ ସର୍ବୋ ଭବତି କରୁଣାବୃତ୍ତିରାର୍ଦ୍ରାନ୍ତରାତ୍ମା । ୩୨ ।
ଜାନେ ସଖ୍ୟାସ୍ତବ ମୟି ମନଃ ସମ୍ଭୃତସ୍ନେହମସ୍ମା—
ଦିତ୍ଥମ୍ଭୂତାଂ ପ୍ରଥମବିରହେ ତାମହଂ ତର୍କୟାମି ।
ବାଚାଳଂ ମାଂ ନ ଖଳୁ ସୁଭଗମ୍ମନ୍ୟଭାବଃ କରୋତି
ପ୍ରତ୍ୟକ୍ଷଂ ତେ ନିଖିଳମଚିରାତ୍ ଭ୍ରାତରୁକ୍ତଂ ମୟା ଯତ୍ । ୩୩ ।
ରୁଦ୍ଧାପାଙ୍ଗ ପ୍ରସରମଳକୈରଞ୍ଜନସ୍ନେହଶୂନ୍ୟଂ
ପ୍ରତ୍ୟାଦେଶାଦପି ଚ ମଧୁନୋ ବିସ୍ମୃତଭ୍ରୂବିଳାସଂ ।
ତ୍ୱୟ୍ୟାସନ୍ନେ ନୟନମୁପରିସ୍ପନ୍ଦି ଶଙ୍କେ ମୃଗାକ୍ଷ୍ୟାଃ
ମୀନକ୍ଷୋଭାଚ୍ଚଳକୁବଳୟଶ୍ରୀତୁଲାମେଷ୍ୟତୀତି । ୩୪ ।

---

ମାତ୍ରକେ ତୁମ୍ଭେ ମଧ୍ୟ ଅଭିନବ ସଲିଳ ରୂପ ବାଷ୍ପରାଶି ବିସର୍ଜ୍ଜନ କରିବ ସନ୍ଦେହ ନାହିଁ । କାରଣ ଯେଉଁମାନଙ୍କର ହୃଦୟ କୋମଳ, ସେମାନଙ୍କର ଅନ୍ତଃକରଣ ପ୍ରାୟ କରୁଣାର୍ଦ୍ର ହୁଏ । ୩୨ । ହେ ଭ୍ରାତଃ ! ମୁଁ ଜାଣେ ତୁମ୍ଭର ସଖୀର ଚିତ୍ତ ଏକମାତ୍ର ମୋହଠାରେ ଏକାନ୍ତ ଅନୁରକ୍ତ, ସେହି ହେତୁରୁ ମୁଁ ପ୍ରଥମ ବିରହରେ ତାହାର ଏପରି ଅବସ୍ଥା କଳ୍ପନା କରୁଅଛି; ନତୁବା ସୁଭଗମାନିତା ନିବନ୍ଧନ ବାଚାଳତା ପ୍ରକାଶ କରୁ ନାହିଁ । ତୁମ୍ଭେ ନିଜେ ଶୀଘ୍ର ସେହି ସବୁ କଥା ପ୍ରତ୍ୟକ୍ଷ ଦେଖି ପାରିବ । ୩୩ । ହେ ପୟୋଧର ! ପ୍ରିୟାର ଅପାଙ୍ଗ ସମୟରେ ଅତି ପୂର୍ବ ପରି ଅଳକାବଳୀ ପରିଲକ୍ଷିତ ହେବ ନାହିଁ, ତାହାର ନୟନ-ଯୁଗଳରେ ଆଉ ସେପରି କଜ୍ଜଳରାଗ ନାହିଁ, ଯେପରି ଭ୍ରୂବିଳାସ ମଧ୍ୟ ଦୃଷ୍ଟ ହେବ ନାହିଁ । ତୁମ୍ଭେ ତାହାର ସମୀପବର୍ତ୍ତୀ ହେଲେ ସେ ଯେତେବେଳେ ନୟନଯୁଗଳ ଊର୍ଦ୍ଧ୍ୱଦେଶକୁ ସଂକ୍ଷିପ୍ତ କରିବ, ସେତେବେଳେ ମୀନକ୍ଷୁଭିତ ଚପଳ କୁବଳୟ ପରି ଅଦ୍ଭୁତପୂର୍ବ ଶ୍ରୀ ଧାରଣ କରିବ ସନ୍ଦେହ ନାହିଁ । ୩୪ । ବର୍ତ୍ତମାନ ପ୍ରିୟତମାର

Digitized by srujanika@gmail.com

ବାମଶ୍ଚାସ୍ୟାଃ କରରୁହପଦୈର୍ମୁଚ୍ୟମାନୋ ମଦୀୟୈ—
ର୍ମୁକ୍ତାଜାଲଂ ଚିରପରିଚିତଂ ତ୍ୟାଜିତୋ ଦୈବଗତ୍ୟା ।
ସମ୍ଭୋଗାନ୍ତେ ମମ ସମୁଚିତୋ ହସ୍ତସଂବାହନାନାଂ
ଯାସ୍ୟତ୍ୟୂରୁଃ ସରସକଦଲୀସ୍ତମ୍ଭଗୌରଶ୍ଚଲତ୍ୱଂ । ୩୫ ।
ତସ୍ମିନ୍ କାଲେ ଜଲଦ ଯଦି ସା ଲବ୍ଧନିଦ୍ରାସୁଖା ସ୍ୟା—
ଦନ୍ୱାସ୍ୟୈନାଂ ସ୍ତନିତବିମୁଖୋ ଯାମମାତ୍ରଂ ସହସ୍ୱ ।
ମାଭୂଦସ୍ୟାଃ ପ୍ରଣୟିନି ମୟି ସ୍ୱପ୍ନଲବ୍ଧେ କଥଞ୍ଚିତ୍
ସଦ୍ୟଃ କଣ୍ଠଚ୍ୟୁତଭୁଜଲତା ଗ୍ରନ୍ଥିଗାଢ଼ୋପଗୂଢ଼ଂ । ୩୬ ।
ତାମୁତ୍ଥାପ୍ୟ ସ୍ୱଜଲକଣିକା ଶୀତଲେନାନିଲେନ
ପ୍ରତ୍ୟାଶ୍ୱସ୍ତାଂ ସମମଭିନବୈର୍ଜାଲକୈର୍ମାଲତୀନାଂ ।

---

ବାମ ଊରୁଦେଶରେ ଆଉ ମୋର ନଖ ଚିହ୍ନ ଦୃଷ୍ଟିଗୋଚର ହେବ ନାହିଁ, ଦୈବଗତି ନିବନ୍ଧନ ସେହି ଊରୁ ପ୍ରଦେଶ ଚିରପରିଚିତ ମୁକ୍ତାଜାଳରୁ ମଧ୍ୟ ବଞ୍ଚିତ ହୋଇଅଛି । ମୁଁ ସମ୍ଭୋଗ ବାସନାରେ କରଦ୍ୱାରା ତାହାକୁ ସଂବାହନ କରିଦିଏ । ଆହା! ସରସ କଦଳୀ ସ୍ତମ୍ଭ ପରି ସେହି ଗୁରୁତର ଊରୁଦେଶ ବର୍ତ୍ତମାନ ଚପଳତା ଧାରଣ କରୁଅଛି ସନ୍ଦେହ ନାହିଁ । ୩୫ । ହେ ପୟୋଦ ! ତୁମ୍ଭେ ଯେଉଁ ସମୟରେ ଉପସ୍ଥିତ ହେବ ଯେବେ ପ୍ରିୟତମା ସେହି ସମୟରେ ନିଦ୍ରିତ ଥାଏ ତାହା ହେଲେ କିଛି ମାତ୍ର ଗର୍ଜନ ନ କରି ତାହାର ପଶ୍ଚାଦ୍ଭାଗ ଆଶ୍ରୟପୂର୍ବକ ଏକ ପ୍ରହର ପ୍ରତୀକ୍ଷା କରିବ । ଅନ୍ୟଥା ସେ ସ୍ୱପ୍ନାବେଶରେ ମୋ ସହିତ ସଙ୍ଗତ ଓ ମୋର ଭୁଜଲତାରେ ବେଷ୍ଟିତା ହୋଇ ଯେଉଁ ସମ୍ଭୋଗ ସୁଖ ଉପଭୋଗ କରୁଥିବ ନିଦ୍ରାଭଙ୍ଗନିବନ୍ଧନ ସେହି ସ୍ୱପ୍ନସମାଗମର ବିଘ୍ନ ପଡ଼ିବ ସନ୍ଦେହ ନାହିଁ । ୩୬ । ହେ ସଖେ ! ତୁମ୍ଭେ ଧୀରବିଦ୍ୟୁତ୍‌ସହଚର ହୋଇ ଗବାକ୍ଷପ୍ରଦେଶକୁ ଗମନପୂର୍ବକ ନିଜ ସଲିଳ ଶୀକର ସୁଶୀତଳ ଅନିଳ ସହକାରେ ପ୍ରିୟତମାକୁ ଜାଗରିତ ଓ ଅଭିନବ ମାଳତୀ କୁସୁମକୋରକଦ୍ୱାରା ସୁସ୍ଥିର

Digitized by srujanika@gmail.com

ବିଦ୍ୟୁଦ୍‌ଗର୍ଭସ୍ତିମିତ ନୟନାଂ ତ୍ୱତ୍‌ସନାଥେ ଗବାକ୍ଷେ
ବକ୍ତୁଂ ଧୀର ସ୍ତନିତବଚନୈର୍ମାନିନୀଂ ପ୍ରକ୍ରମେଥାଃ । ୩୭ ।

ଭର୍ତ୍ତୁର୍ମିତ୍ରଂ ପ୍ରିୟମବିଧବେ ବିଦ୍ଧି ମାମମ୍ବୁବାହଂ
ତତ୍‌ସନ୍ଦେଶୈର୍ହୃଦୟନିହିତୈରାଗତଂ ତ୍ୱତ୍‌ସମୀପଂ ।
ଯୋ ବୃନ୍ଦାନି ତ୍ୱରୟତି ପଥି ଶ୍ରାମ୍ୟତାଂ ପ୍ରୋଷିତାନାଂ
ମନ୍ଦ୍ରସ୍ନିଗ୍ଧୈର୍ଧ୍ୱନିଭିରବଳା ବେଣିମୋକ୍ଷୋତ୍ସୁକାନି । ୩୮ ।
ଇତ୍ୟାଖ୍ୟାତେ ପବନତନୟଂ ମୈଥିଲୀବୋନ୍ମୁଖୀ ସା
ତ୍ୱାମୁତ୍କଣ୍ଠୋଚ୍ଛ୍ୱସିତହୃଦୟା ବୀକ୍ଷ୍ୟ ସମ୍ଭାବ୍ୟ ଚୈବ ।
ଶ୍ରୋଷ୍ୟତ୍ୟସ୍ମାତ୍ ପରମବହିତା ସୌମ୍ୟ ସୀମନ୍ତିନୀନାଂ
କାନ୍ତୋଦନ୍ତଃ ସୁହୃଦୁପନତଃ ସଙ୍ଗମାତ୍ କିଞ୍ଚିଦୂନଃ । ୩୯ ।

---

କରି ନିଜ ଧ୍ୱନିରୂପ ବଚନଦ୍ୱାରା ସେହି ସ୍ତିମିତନୟନା ମାନିନୀ ନିକଟରେ ମୋର ସନ୍ଦେଶ ବାର୍ତ୍ତା କହିବାକୁ ଆରମ୍ଭ କରିବ । ୩୭ । ତୁମ୍ଭେ ପ୍ରିୟତମାକୁ ଏହି କଥା କହିବ ଯେ, ହେ ଅବିଧବେ ! ମୁଁ ଅମ୍ବୁବାହକ, ମୋତେ ତୁମ୍ଭର ପ୍ରିୟତମର ପ୍ରିୟ ମିତ୍ର ବୋଲି ଜାଣିବ । ମୁଁ ତୁମ୍ଭ ସ୍ୱାମୀଙ୍କର ସନ୍ଦେଶସବୁ ହୃଦୟରେ ଧାରଣ କରି ତୁମ୍ଭ ନିକଟକୁ ଆସିଅଛି । ଯେଉଁ ସବୁ ପ୍ରୋଷିତ ପଥିକ ଅବଳାମାନଙ୍କର ବେଣୀ ମୋଚନରେ ସମୁତ୍ସୁକ, ମୁଁ ସେହି ସବୁ ପଥିକମାନଙ୍କୁ ସ୍ନିଗ୍ଧ ମନ୍ଦ ଗର୍ଜନଦ୍ୱାରା ଗୃହ ଗମନ ପାଇଁ ତ୍ୱରା ପ୍ରଦର୍ଶନ କରିଥାଏ । ୩୮ । ହେ ସୌମ୍ୟ ! ତୁମ୍ଭେ ଏହିପରି କହିଲେ, ଜନକନନ୍ଦିନୀ ଯେପରି ଉନ୍ମୁଖୀ ହୋଇ ପବନନନ୍ଦନ ହନୁମାନଙ୍କୁ ଦର୍ଶନ କରିଥିଲେ, ପ୍ରିୟତମା ମଧ୍ୟ ସେହିପରି ଉତ୍କଣ୍ଠାନିବନ୍ଧନ ଉଚ୍ଛ୍ୱସିତହୃଦୟରେ ତୁମ୍ଭଙ୍କୁ ଦର୍ଶନ ଓ ତୁମ୍ଭର ସମ୍ବର୍ଦ୍ଧନା କରି ତୁମ୍ଭର ବାକ୍ୟ ଶ୍ରବଣ କରିବ । କାରଣ ମିତ୍ରଦ୍ୱାରା ସମାନୀତ ପତି-ସମ୍ବାଦ ରମଣୀମାନଙ୍କ ପକ୍ଷରେ ସଙ୍ଗମ ଅପେକ୍ଷା କିଞ୍ଚିନ୍ମାତ୍ର ନ୍ୟୂନ ଅଟେ । ୩୯ । ହେ

Digitized by srujanika@gmail.com

ତାମାୟୁଷ୍ମନ୍ ମମ ଚ ବଚନାଦାତ୍ମନଶ୍ଚୋପକର୍ତ୍ତୁଂ
ବ୍ରୂୟାଦେବଂ ତବସହଚରୋ ରାମଗିର୍ଯ୍ୟାଶ୍ରମସ୍ଥଃ ।
ଅବ୍ୟାପନ୍ନଃ କୁଶଳମବଳେ ପୃଚ୍ଛତି ତ୍ୱାଂ ବିୟୁକ୍ତଃ
ପୂର୍ବାଭାଷ୍ୟଂ ସୁଲଭବିପଦାଂ ପ୍ରାଣିନାମେତଦେବ । ୪୦ ।
ଅଙ୍ଗେନାଙ୍ଗଂ ପ୍ରତନୁ ତନୁନା ଗାଢ଼ତପ୍ତେନ ତପ୍ତଂ
ସାଶ୍ରେଣାଶ୍ରୁ ଦ୍ରୁତମବିରତୋତ୍କଣ୍ଠମୁତ୍କଣ୍ଠିତେନ ।
ଉଷ୍ଣୋଚ୍ଛ୍ୱାସଂ ସମଧିକତରୋଚ୍ଛ୍ୱାସିନା ଦୂରବର୍ତ୍ତୀ
ସଙ୍କଳ୍ପୈସ୍ତୈର୍ବିଶତି ବିଧିନା ବୈରିଣା ରୁଦ୍ଧମାର୍ଗଃ । ୪୧ ।
ଶବ୍ଦାଖ୍ୟେୟଂ ଯଦପି କିଲ ତେ ଯଃ ସଖୀନାଂ ପୁରସ୍ତାତ୍
କର୍ଣ୍ଣେ ଲୋଲଃ କଥୟିତୁମଭୂଦାନନସ୍ପର୍ଶଲୋଭାତ୍ ।

---

ଅଯୁଷ୍ମାନ୍ ! ତୁମ୍ଭେ ମୋର ବଚନାନୁସାରେ ଏବଂ ନିଜର ଉପକାରାର୍ଥ ପ୍ରିୟତମାକୁ କହିବ ଯେ; ହେ ଅବଳେ ! ତୁମ୍ଭ ପତି ତୁମ୍ଭଠାରୁ ବିୟୁକ୍ତ ହୋଇ ରାମଗିରି ଅବ୍ୟାହତରୂପେ ଆଶ୍ରମରେ କୁଶଳରେ ଅବସ୍ଥିତି କରୁଅଛନ୍ତି । ସେ ତୁମ୍ଭର କୁଶଳ ବାର୍ତ୍ତା ପଚାରି ପଠାଉଅଛନ୍ତି, କାରଣ ମରଣ ଧର୍ମଶୀଳ ଜୀବମାନେ ପ୍ରଥମେ କୁଶଳ ବାର୍ତ୍ତା ପଚାରିଥାନ୍ତି ।୪୦ ।
ଯାହାହେଉ, ତୁମ୍ଭ ପତି ପ୍ରତିକୂଳ ବିଧି ହେତୁରୁ ରୁଦ୍ଧମାର୍ଗ ହୋଇ ଦୂର ଦେଶରେ ଅବସ୍ଥିତି କରୁଅଛନ୍ତି, ସେ ଉତ୍କଣ୍ଠିତ ହୃଦୟରେ ନିରନ୍ତର ଉଷ୍ଣଶ୍ୱାସ ଓ ଅବିରତ ଅଶ୍ରୁବାରି ବିସର୍ଜ୍ଜନ କରୁଥାନ୍ତି । ସେ କେବଳ ମାତ୍ର ସଂକଳ୍ପଦ୍ୱାରା ତୁମ୍ଭ ସହିତ ସମାଗମ ସୁଖ ଉପଭୋଗ କରୁଅଛନ୍ତି ।
ହେ ଅବଳେ ! ତୁମ୍ଭର ଯେ ପତି ସଖୀମାନଙ୍କ ସମକ୍ଷରେ ଆନନସ୍ପର୍ଶରେ ଲୋଲୁପ ହୋଇ ପ୍ରକାଶ୍ୟ ବଚନ ମଧ୍ୟ ତୁମ୍ଭ କାନରେ କହିବାକୁ ସମୁତ୍ସୁକ ହୁଅନ୍ତି; ବର୍ତ୍ତମାନ ସେ ଶ୍ରୁତି ବିଷୟ ଓ ନୟନ ବିଷୟ ଅତି-କ୍ରମ ପୂର୍ବକ ଉତ୍କଣ୍ଠିତ ହୃଦୟରେ ମୋଦ୍ୱାରା ଏହିପରି କହି ପଠାଉ-ଅଛନ୍ତି ଯେ, ହେ ଚଣ୍ଡି ! ମୁଁ ପ୍ରିୟଙ୍ଗୁଲତାରେ ତୁମ୍ଭର ଅଙ୍ଗ ସୌକୁମାର୍ଯ୍ୟ, ଚକିତ ହରଣୀଙ୍କ ନେତ୍ରରେ ଦୃଷ୍ଟିପାତ, ଶଶାଙ୍କରେ ବଦନକାନ୍ତି, ଶିଖି

Digitized by srujanika@gmail.com

ସୋଽତିକ୍ରାନ୍ତଃ ଶ୍ରବଣବିଷୟଂ ଲୋଚନାଭ୍ୟାମଦୃଷ୍ଟ—
ସ୍ତ୍ୱାମୁତ୍କଣ୍ଠାବିରଚିତପଦଂ ମନ୍ମୁଖେନେଦମାହ । ୪୨ ।
ଶ୍ୟାମାସ୍ୱଙ୍ଗଂ ଚକିତହରିଣୀ ପ୍ରେକ୍ଷଣେ ଦୃଷ୍ଟିପାତଂ
ବକ୍ତ୍ରଚ୍ଛାୟାଂ ଶଶିନି ଶିଖିନାଂ ବର୍ହଭାରେଷୁ କେଶାନ୍ ।
ଉତ୍ପଶ୍ୟାମି ପ୍ରତନୁଷୁ ନଦୀବୀଚିଷୁ ଭ୍ରୂବିଳାସାନ୍
ହନ୍ତୈକସ୍ମିନ୍ କ୍ୱଚିଦପି ନ ତେ ଚଣ୍ଡି ସାଦୃଶ୍ୟମସ୍ତି । ୪୩ ।
ତ୍ୱାମାଲିଖ୍ୟ ପ୍ରଣୟକୁପିତାଂ ଧାତୁରାଗୈଃ ଶିଳାୟା-
ମାତ୍ମାନଂ ତେ ଚରଣପତିତଂ ଯାବଦିଚ୍ଛାମି କର୍ତ୍ତୁଂ ।
ଅସ୍ରୈସ୍ତାବନ୍ମୁହୁରୁପଚିତୈର୍ଦୃଷ୍ଟିରାଲୁପ୍ୟତେ ମେ
କ୍ରୂରସ୍ତସ୍ମିନ୍ନପି ନ ସହତେ ସଙ୍ଗମଂ ନୌ କୃତାନ୍ତଃ । ୪୪ ।
ଧାରାସିକ୍ତ ସ୍ଥଳସୁରଭିଣ ସ୍ତ୍ୱନ୍ମୁଖସ୍ୟାସ୍ୟ ବାଲେ
ଦୂରୀଭୂତଂ ପ୍ରତନୁମପି ମାଂ ପଞ୍ଚବାଣଃ କ୍ଷିଣୋତି ।

---

ବର୍ହଭରରେ କେଶପାଶ ଏବଂ ସୁକୁମାର ତରଙ୍ଗିଣୀର ତରଙ୍ଗରେ ତୁମ୍ଭର ଭ୍ରୂବିଳାସ ନିରୀକ୍ଷଣ କରେ ସତ୍ୟ, କିନ୍ତୁ ଅହୋ ! କାହାଠାରେ ତୁମ୍ଭର ସାଦୃଶ୍ୟ ପରିଲକ୍ଷିତ ହୁଏ ନାହିଁ । ୪୨ । ୪୩ । ହେ ପ୍ରିୟତମେ ! ମୁଁ ଧାତୁରାଗଦ୍ୱାରା ଶିଳା ତଳେ ତୁମ୍ଭର ପ୍ରଣୟ କୁପିତା ମୂର୍ତ୍ତି ଅଙ୍କିତ କରି ଯେଉଁପରି ତାହାର ଚରଣତଳେ ନିପତିତ ହେବାକୁ ଅଭିଳାଷ କରେ, ସେହିପରି ମୁହୁର୍ମୁହୁ ଅଶ୍ରୁପ୍ରବାହ ନିପତିତ ହୋଇ ମୋର ଦୃଷ୍ଟିପଥ ଅବରୁଦ୍ଧ କରିଦିଏ । ଅହୋ ! କ୍ରୂରହୃଦୟ ମାରାତ୍ମକ ଦୁର୍ଦ୍ଦୈବ ଚିତ୍ରପଟରେ ମଧ ଅମ୍ଭମାନଙ୍କର ସମାଗମ ସହ୍ୟ କରି ପାରନ୍ତା ନାହିଁ । ୪୪ । ହେ ବାଲେ ! ତୁମ୍ଭର ବଦନକମଳ ଧାରାସିକ୍ତ ଭୂମି ପରି ସୁରଭି; ମୁଁ ସେହି ମୁଖ ଦର୍ଶନରୁ ବଞ୍ଚିତ ହୋଇ ଦୂରଦେଶରେ ଅବସ୍ଥିତି କରିବାରୁ ଏକାନ୍ତ କୃଶ ହୋଇ ପଡ଼ିଅଛି, ତଥାପି ପଞ୍ଚଶର ମୋତେ ସର୍ବଦା କ୍ଲେଶ ପ୍ରଦାନ କରୁଅଛି । ଯାହାହେଉ, ଏହି ଗ୍ରୀଷ୍ମ ସମୟ ଅତୀତ ହେଲେ, ସେହି ସମୟରେ ଚତୁର୍ଦ୍ଦିଗ ବିଶୁଦ୍ଧ ଜଳଦଜାଳରେ ସମାଚ୍ଛନ୍ନ ହେବ ଏବଂ

Digitized by srujanika@gmail.com

ଘର୍ମ୍ମାନ୍ତେଽସ୍ମିନ୍ ବିଗଣୟ କଥଂ ବାସରାଣି ବ୍ରଜେୟୁ—
ର୍ଦ୍ଦିକ୍ ସଂସକ୍ତ ପ୍ରବିତତ ଘନବ୍ୟସ୍ତ ସୂର୍ଯ୍ୟାତପାନି । ୪୫ ।
ମାମାକାଶ ପ୍ରଣିହିତଭୁଜଂ ନିର୍ଦ୍ଦୟାଶ୍ଳେଷହେତୋଃ
ଲବ୍ଧାୟାସ୍ତେ କଥମପି ମୟା ସ୍ୱପ୍ନସନ୍ଦର୍ଶନେଷୁ ।
ପଶ୍ୟନ୍ତୀନାଂ ନ ଖଳୁ ବହୁଶୋ ନ ସ୍ଥଳୀଦେବତାନାଂ
ମୁକ୍ତାସ୍ଥୂଳାସ୍ତରୁକିଶଳୟେଷ୍ୱଶ୍ରୁଲେଶାଃ ପତନ୍ତି । ୪୬ ।
ଭିତ୍ତ୍ୱା ସଦ୍ୟଃ କିଶଳୟପୁଟାନ୍ ଦେବଦାରୁଦ୍ରୁମାଣାଂ
ଯେ ତତ୍କ୍ଷୀରସ୍ରୁତିସୁରଭୟୋ ଦକ୍ଷିଣେନ ପ୍ରବୃତ୍ତାଃ ।
ଆଲିଙ୍ଗ୍ୟନ୍ତେ ଗୁଣବତି ମୟା ତେ ତୁଷାରାଦ୍ରିବାତାଃ
ପୂର୍ବଂ ସ୍ପୃଷ୍ଟଂ ଯଦି କିଲ ଭବେଦଙ୍ଗମେଭିସ୍ତବେତି । ୪୭ ।

---

ସୂର୍ଯ୍ୟାତପ ଲୁପ୍ତପ୍ରାୟ ହୋଇ ପଡ଼ିବ । କୌଣସି ପ୍ରକାରେ ସେହି ସବୁ ଦିନ ଅତିବାହିତ ହେବ ସନ୍ଦେହ ନାହିଁ । ୪୫ । ହେ ପ୍ରିୟତମେ ! ମୁଁ ସ୍ୱପ୍ନରେ ତୁମ୍ଭଙ୍କୁ ଦେଖି ଗାଢ଼ଆଲିଙ୍ଗନ ଆଶାରେ ଗଗନମାର୍ଗରେ ହସ୍ତ-ଦ୍ୱୟ ପ୍ରସାରିତ କରିଥାଏଁ । ତଦର୍ଶନେ ସ୍ଥଳୀଦେବତାମାନେ ଯେ ମୁକ୍ତା ପରି ସ୍ଥୂଳରେ ଅଶ୍ରୁବାରି ବିସର୍ଜନ କରନ୍ତି, ତାହା ତରୁ କିଶଳୟରେ ପତିତ ହୋଇଥାଏ । ୪୬ । ହେ ଗୁଣବତି ! ଯେଉଁ ହିମାଦ୍ରିବାୟୁ ଦେବଦାରୁ ତରୁମାନଙ୍କର ପତ୍ରପୁଟସମୂହ ଭେଦ କରି ତନ୍ନିଃସୃତ କ୍ଷୀର-ସ୍ରୁତିର ସୁଗନ୍ଧ ବହନପୂର୍ବକ ଦକ୍ଷିଣ ଦିଗକୁ ପ୍ରବାହିତ ହେବ, ଯେବେ କୌଣସି ପ୍ରକାରେ ତାହା ତୁମ୍ଭ ଦେହରେ ସଂଲଗ୍ନ ହୋଇଥିବ ଏହି ବିବେଚନା କରି ମୁଁ ସେହି ବାୟୁକୁ ଆଲିଙ୍ଗନ କରିଥାଏ । ୪୭ । ହେ ଚଞ୍ଚଳନୟନେ ! ଦୀର୍ଘଯାମା ରାତ୍ରି କିପରି କ୍ଷଣକାଳ ପରି ଅତିବାହିତ ହେବ ଏବଂ ଦିବାଭାଗ ମଧ୍ୟ କିପ୍ରକାରେ ସବୁ ଅବସ୍ଥାରେ ସୁଖପ୍ରଦ ହେବ, ମୋ ଚିତ୍ତ ଏହି ଦୁର୍ଲଭ ପ୍ରାର୍ଥନାରେ ଏକାନ୍ତ ଅଶରଣ ହୋଇ ପଡ଼ିଅଛି । ୪୮ । ହେ କଲ୍ୟାଣି ! ବର୍ତ୍ତମାନ ମୁଁ ନାନାବିଧ ଭାବୀ ସୁଖ-

Digitized by srujanika@gmail.com

ସଂକ୍ଷିପ୍ୟେତ କ୍ଷଣ ଇବ କଥଂ ଦୀର୍ଘଯାମା ତ୍ରିଯାମା
ସର୍ବାବସ୍ଥାସ୍ୱହରପି କଥଂ ମନ୍ଦମନ୍ଦାତପଂ ସ୍ୟାତ୍ ।
ଇତ୍ଥଂ ଚେତଶ୍ଚଟୁଳନୟନେ ଦୁର୍ଲଭପ୍ରାର୍ଥନଂ ମେ
ଗାଢୋଷ୍ମାଭିଃ କୃତମଶରଣଂ ତ୍ୱଦ୍ୱିୟୋଗବ୍ୟଥାଭିଃ । ୪୮

ନନ୍ୱାତ୍ମାନଂ ବହୁ ବିଗଣୟନ୍ନାତ୍ମନୈବାବଲମ୍ବେ
ତତ୍ କଲ୍ୟାଣି ତ୍ୱମପି ନିତରାଂ ମା ଗମଃ କାତରତ୍ୱଂ ।
କସ୍ୟାତ୍ୟନ୍ତଂ ସୁଖମୁପନତଂ ଦୁଃଖମେକାନ୍ତତୋ ବା
ନୀଚୈର୍ଗଚ୍ଛତ୍ୟୁପରି ଚ ଦଶା ଚକ୍ରନେମିକ୍ରମେଣ । ୪୯ ।

ଶାପାନ୍ତୋ ମେ ଭୁଜଗଶୟନାଦୁତ୍ଥିତେ ଶାର୍ଙ୍ଗପାଣୌ
ମାସାନନ୍ୟାନ୍ ଗମୟ ଚତୁରୋ ଲୋଚନେ ମୀଳୟିତ୍ୱା ।
ପଶ୍ଚାଦାବାଂ ବିରହଗୁଣିତଂ ତଂ ତମାତ୍ମାଭିଲାଷଂ
ନିର୍ବେକ୍ଷ୍ୟାବଃ ପରିଣତଶରଚ୍ଚନ୍ଦ୍ରିକାସୁ କ୍ଷପାସୁ । ୫୦ ।

---

ଚିନ୍ତା କରି କୌଣସି ରୂପେ ଧୈର୍ଯ୍ୟସହକାରେ ଜୀବନଧାରଣ କରୁଅଛି । ତୁମ୍ଭେ ମଧ୍ୟ ଏକାନ୍ତ କାତର ହେବ ନାହିଁ । ବିବେଚନା କରି ଦେଖ କେଉଁ ବ୍ୟକ୍ତି ନିୟତ ସୁଖରେ ସୁଖୀ ହୋଇଥାଏ ଏବଂ କେଉଁ ବ୍ୟକ୍ତି ବା ଅବିଚ୍ଛେଦରେ ଦୁଃଖର ବଶୀଭୂତ ହୁଏ ? ଜୀବମାନଙ୍କ ଅବସ୍ଥା ଚକ୍ରନେମୀ ପରି ଯଥାକ୍ରମେ ଉଚ୍ଚନୀଚକୁ ଗମନ କରୁଥାଏ ।୪୯। ହେ ପ୍ରିୟତମେ ! ଶାର୍ଙ୍ଗଧର ଶ୍ରୀହରି ଯେତେବେଳେ ଭୁଜଗଶୟନରୁ ଗାତ୍ରୋତ୍ଥାନ କରିବେ, ସେହି ସମୟରେ ମୁଁ ଅଭିଶାପରୁ ମୁକ୍ତିଲାଭ କରିବି । ଅତଏବ ତୁମ୍ଭେ ନୟନ ଦ୍ୱୟ ମୁଦ୍ରିତ କରି ଅବଶିଷ୍ଟ ଚାରି ମାସ କୌଣସି ପ୍ରକାରେ ଅତିବାହିତ କର । ତଦନନ୍ତର ଉଭୟେ ବିମଳଶଶାଙ୍କ ଧବଳ ଶାରଦୀୟ ଯାମିନୀରେ ବିରହକଳ୍ପିତ ସେହି ସବୁ ମନୋଭିଳାଷ ପରିପୂର୍ଣ୍ଣ କରିବା । ୫୦ । ହେ ଜଳଦ ! ତୁମ୍ଭେ ଆହୁରି ମଧ୍ୟ କହିବ ଯେ, ତୁମ୍ଭ ପ୍ରତି ପୁନର୍ବାର ଏହି କଥା କହିଅଛନ୍ତି ଯେ, ହେ ପ୍ରିୟତମେ ! ପୂର୍ବେ ଥରେ ତୁମ୍ଭେ ବାହୁପାଶରେ ମୋର କଣ୍ଠ

Digitized by srujanika@gmail.com

ଭୂୟଶ୍ଚାହ ତ୍ୱମପି ଶୟନେ କଣ୍ଠଲଗ୍ନା ପୁରା ମେ
ନିଦ୍ରାଂ ଗତ୍ୱା କିମପି ରୁଦତୀ ସସ୍ୱନଂ ବିପ୍ରବୁଦ୍ଧା ।
ସାନ୍ତର୍ହାସଂ କଥିତମସକୃତ୍ ପୃଚ୍ଛତଶ୍ଚ ତ୍ୱୟା ମେ
ଦୃଷ୍ଟଂ ସ୍ୱପ୍ନେ କିତବ ରମୟନ୍ କାମପି ତ୍ୱଂ ମୟେତି । ୫୧ ।
ଏତସ୍ମାନ୍ମାଂ କୁଶଳିନମଭିଜ୍ଞାନଦାନାଦ୍ୱିଦିତ୍ୱା
ମା କୌଳୀନାଦସିତନୟନେ ମୟ୍ୟବିଶ୍ୱାସିନୀ ଭୂଃ ।
ସ୍ନେହାନାହୁଃ କିମପି ବିରହେ ଧ୍ୱଂସିନସ୍ତେତ୍ୱଭୋଗା—
ଦିଷ୍ଟେ ବସ୍ତୁନ୍ୟୁପଚିତରସାଃ ପ୍ରେମରାଶି ଭବନ୍ତି । ୫୨ ।
କଚ୍ଚିତ୍ ସୌମ୍ୟ ବ୍ୟବସିତମିଦଂ ବନ୍ଧୁକୃତ୍ୟଂ ତ୍ୱୟା ମେ
ପ୍ରତ୍ୟାଦେଶାନ୍ନ ଖଳୁ ଭବତୋ ଧୀରତାଂ କଳ୍ପୟାମି ।
ନିଃଶବ୍ଦୋଽପି ପ୍ରଦିଶସି ଜଳଂ ଯାଚିତଶ୍ଚାତକେଭ୍ୟଃ
ପ୍ରତ୍ୟୁକ୍ତଂ ହି ପ୍ରଣୟିଷୁ ସତାମୀପ୍ସିତାର୍ଥକ୍ରିୟୈବ । ୫୩ ।

---

ଅଭିବେଷ୍ଟନ ପୂର୍ବକ ଶଯ୍ୟା ଉପରେ ନିଦ୍ରିତା ହୋଇଥିଲ, ଅକସ୍ମାତ୍ କୌଣସି କାରଣରୁ ଉଚ୍ଚୈଃସ୍ୱରରେ କ୍ରନ୍ଦନ କରି ଉଠିଥିଲ । ତୁମ୍ଭଙ୍କ ଜାଗରିତା ଦେଖି ମୁଁ ସହାସ୍ୟବଦନରେ ପୁନଃ ପୁନଃ ରୋଦନର କାରଣ ପଚାରିବାରୁ ତୁମ୍ଭେ କହିଥିଲ, ହେ ଧୂର୍ତ୍ତ ! ମୁଁ ସ୍ୱପ୍ନରେ ଦେଖିଲି ତୁମ୍ଭେ ଅନ୍ୟ କୌଣସି ରମଣୀ ସହିତ ବିହାର କରିବାରେ ପ୍ରବୃତ୍ତ ହୋଇଅଛ । ହେ ଚଟୁଳନେତ୍ରେ ! ମୋର ଏହି ଅଭିଜ୍ଞାନ ପାଇ ମୋତେ ସର୍ବପ୍ରକାର କୁଶଳୀ ବୋଲି ବିବେଚନା କରିବ କୌଣସି ପ୍ରକାରେ ମୋର ମୃତ୍ୟୁ ଆଶଙ୍କା କରିବ ନାହିଁ । ୫୧ । ୫୨ । ହେ ସୌମ୍ୟ ! ତୁମ୍ଭେ ଏହି ମିତ୍ର କାର୍ଯ୍ୟ ସମ୍ପାଦନ କରିବାକୁ କିପରି ସଂକଳ୍ପ କରିଅଛ ? ହେ ଜଳଦ ! ମୁଁ ତୁମ୍ଭ ନିକଟରୁ ପ୍ରତ୍ୟୁତ୍ତର ପାଇବାକୁ ଇଚ୍ଛା କରେ ନାହିଁ । ବିବେଚନା କରି ଦେଖ, ଯେତେବେଳେ ଚାତକମାନେ ପ୍ରାର୍ଥନା କରନ୍ତି, ତେତେବେଳେ ତୁମ୍ଭେ ନିଃଶବ୍ଦରେ ସେମାନଙ୍କୁ ଜଳଦାନ କରିଥାଅ । ଫଳତଃ,

Digitized by srujanika@gmail.com

ଆଶ୍ୱାସ୍ୟୈବଂ ପ୍ରଥମବିରହୋଦଗ୍ରଶୋକାଂ ସଖୀଂ ତେ
ଶୈଳାଦାଶୁ ତ୍ରିନୟନବୃଷୋତ୍ଖାତକୂଟାନ୍ନିବୃତ୍ତଃ ।
ସାଭିଜ୍ଞାନ ପ୍ରହିତକୁଶଳୈସ୍ତଦ୍ୱଚୋଭିର୍ମମାପି
ପ୍ରାତଃ କୁନ୍ଦ ପ୍ରସବଶିଥିଳଂ ଜୀବିତଂ ଧାରୟେଥାଃ । ୫୪ ।
ଏତତ୍ କୃତ୍ୱା ପ୍ରିୟମନୁଚିତ ପ୍ରାର୍ଥନାବର୍ତ୍ତିନୋ ମେ
ସୌହାର୍ଦ୍ଦାଦ୍ୱା ବିଧୁର ଇତି ବା ମୟ୍ୟନୁକ୍ରୋଶବୁଦ୍ଧ୍ୟା ।
ଇଷ୍ଟାନ୍ ଦେଶାନ୍ ଜଳଦ ବିଚର ପ୍ରାବୃଷା ସମ୍ଭୃତଶ୍ରୀ—
ର୍ମାଭୂଦେବଂ କ୍ଷଣମପି ଚ ତେ ବିଦ୍ୟୁତା ବିପ୍ରୟୋଗଃ । ୫୫ ।
ଶ୍ରୁତ୍ୱା ବାର୍ତ୍ତାଂ ଜଳଦକଥିତାଂ ତାଂ ଧନେଶୋଽପି ସଦ୍ୟଃ
ଶାପସ୍ୟାନ୍ତଂ ସଦୟହୃଦୟଃ ସଂବିଧାୟାସ୍ତକୋପଃ ।

---

ଯାଚକର ଅଭିଳଷିତ ସାଧନ ସଜ୍ଜନମାନଙ୍କର ପ୍ରତ୍ୟୁତ୍ତର ବୋଲି ପରିଗଣିତ । ୫୩ । ହେ ପୟୋଧର ! ପ୍ରଥମ ବିରହଜନିତ ଏକାନ୍ତ ଶୋକବିଧୁରା ତୁମ୍ଭର ସଖୀ ମୋ ପତ୍ନୀଙ୍କ ଏହିପରି ଆଶ୍ୱାସ ପ୍ରଦାନପୂର୍ବକ ଶିବବୃଷ କର୍ତ୍ତୃକ ଉତ୍ଖାତ କୂଟବିଶିଷ୍ଟ କୈଳାସ ଗିରିରୁ ଶୀଘ୍ର ପ୍ରତ୍ୟାଗତ ହେବ ଏବଂ ପ୍ରିୟତମାର ଅଭିଜ୍ଞାନସହ କୁଶଳସମ୍ବାଦ ପ୍ରଦାନ କରି ପ୍ରାତଃକାଳୀନ କୁନ୍ଦକୁସୁମ ପରି ଶିଥିଳିତ ମୋର ଜୀବନ ରକ୍ଷା କରିବ । ୫୪ । ହେ ଜଳଦ ! ମୁଁ ତୁମ୍ଭ ନିକଟରେ ଅନୁଚିତ ପ୍ରାର୍ଥନା କରୁଅଛି ସତ୍ୟ, ତଥାପି ତୁମ୍ଭେ ସୌହାର୍ଦ୍ଦ୍ୟବଶରେ ଅଥବା ମୁଁ ବିୟୋଗ ଶୋକରେ ବିଧୁର ଏହି ବିବେଚନାରେ ମୋ ପ୍ରତି କରୁଣାବୁଦ୍ଧି ବଶତଃ ମୋର ଏହି ପ୍ରିୟ କାର୍ଯ୍ୟ ସମ୍ପାଦନ କରି ତୁମ୍ଭେ ଯଥେଚ୍ଛା ବିଚରଣ କର; ବର୍ଷାବଶରୁ ତୁମ୍ଭର ଅପୂର୍ବ ଶୋଭା ଉଦିତ ହେଉ, ସୌଦାମିନୀ ସହ ଯେପରି କ୍ଷଣକାଳ ପାଇଁ ମଧ୍ୟ ତୁମ୍ଭର ବିଚ୍ଛେଦ ନ ହେଉ । ୫୫ । ଧନପତି ଯକ୍ଷରାଜ ଜଳଦକଥିତ ଏହି ବୃତ୍ତାନ୍ତ ଶ୍ରୁତିଗୋଚର କରି ରୋଷ ବିସର୍ଜନ ପୂର୍ବକ ସଦୟହୃଦୟରେ ତତ୍କ୍ଷଣାତ୍ ଅଭିଶାପ ବିମୋଚନ

Digitized by srujanika@gmail.com

ସଂଯୋଜ୍ୟୈତୌ ବିଗଳିତଶୁଚୌ ଦମ୍ପତୀ ହୃଷ୍ଟଚିତ୍ତୌ
ଭୋଗାନିଷ୍ଟାନବିରତସୁଖଂ ଭୋଜୟାମାସ ଶଶ୍ୱତ୍ । ୫୬ ।

ଇତି ଶ୍ରୀ ମହାକବି କାଳିଦାସ କୃତଂ ମେଘଦୂତଂ ସମାପ୍ତଂ ।

---

କଲେ ଏବଂ ସେହି ଯକ୍ଷଦମ୍ପତିଙ୍କି ପୁନର୍ମିଳିତ କରିଦେବାରୁ ସେମାନେ ନିଃଶୋକହୃଦୟରେ ଓ ପୁଲକିତ ଚିତ୍ତରେ ଅବିରତ ସୁଖ ସହିତ ଅଭୀଷ୍ଟ ଭୋଗରେ ପ୍ରବୃତ୍ତ ହେଲେ । ୫୬ ।

ଇତି କାଳିଦାସ କୃତ ମେଘଦୂତ ନାମକ ଖଣ୍ଡକାବ୍ୟ ସମାପ୍ତ ।

Digitized by srujanika@gmail.com